Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 90
Wednesday, 3 June 2026
Balasore, Page : 8, ₹ 2/
ବାଲେଶ୍ୱର, ବୁଧବାର, ୩ ଜୁନ୍, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସୈତାରମ୍ଭ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଏଫ୍‌ଆଇଆରରେ ନଥିଲା ମୃତ ସୁଶାନ୍ତଙ୍କ ନାଁ

କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ମାମଲା

ଭୁବନେଶ୍ୱର, ୨/୬ (ଆ.ପ୍ର) : ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନାରେ ହାଜତ ମୃତ୍ୟୁ ମାମଲାରେ ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି । ପୁଲିସକୁ ଆକ୍ରମଣ ଅଭିଯୋଗରେ ଯେଉଁ ସୁଶାନ୍ତ ସାହୁଙ୍କୁ ଥାନାକୁ ଧରାଇ ନେଇ ମିଛୁକ ପିଟି ମାରି ଦିଆଗଲା, ତାଙ୍କ ନାଁ ଏଫଆଇଆରରେ ନଥିଲା । ଏହି ଏଫଆଇଆର ନିଜେ ଟ୍ରେନି ଆଇପିଏସ ଅଫିସର ନିତେଶ କୁମାର ମିଶ୍ର ଦେଇଥିଲେ ।

ଗତ ୨୦ ତାରିଖ ରାତିରେ ସୁବଳୟା ଗାଁରେ ଏକ ବେଆଇନ ପଥର କ୍ୱାରୀରେ ତାଙ୍କ ଉପସ୍ଥିତିରେ କେମିତି ହୋମଗାର୍ଡ କୃଷ୍ଣଚନ୍ଦ୍ର ପ୍ରଧାନଙ୍କୁ ଅଭିଯୁକ୍ତମାନେ ଠେଲି ତଳେ ପକାଇ ଦେବା ପରେ ହତ୍ୟା କରିବା ଉଦ୍ଦେଶ୍ୟରେ ତାଙ୍କ ମୁହଁ ଓ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ, ତାହା ସେ ଏଫଆଇଆରରେ ଲେଖିଛନ୍ତି । ଏହା ସହିତ ଅଭିଯୁକ୍ତମାନେ ତାଙ୍କ ସମେତ ସମସ୍ତ ପୁଲିସ କର୍ମଚାରୀଙ୍କ ଉପରକୁ ପଥର ଫିଙ୍ଗିଥିଲେ । ଆଇପିଏସ୍ ଅଫିସର ଦେଇଥିବା ସ୍ଟେନ୍ ମେପର ଓ ପୁଅ ଈଶ୍ୱର କୁମାର ସାହୁ ବସର ସାହୁ ଓ ଦିଲ୍ଲୀପ କୁମାର ସାହୁଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଥିବା ଓ ଅନ୍ୟମାନେ ଫେରାର ହୋଇଯାଇଥିବା କଥା ବି ଲେଖାଯାଇଛି । କିନ୍ତୁ ପୂରା ଏଫଆଇଆରରେ କେଉଁଠି ବି ମୃତ ସୁଶାନ୍ତ ସାହୁଙ୍କ ନାଁ ନାହିଁ । ଏଫଆଇଆରରୁ ସ୍ପଷ୍ଟ ହେଉଛି ଯେ ସୁଶାନ୍ତ ଘଟଣାସ୍ଥଳରେ ନଥିଲେ । ତା' ସତ୍ତ୍ୱେ ପୁଲିସ କାର୍ଯ୍ୟକି ସୁଶାନ୍ତଙ୍କୁ ସପ୍ତାହେ କାଳ ଥାନାରେ ବେଆଇନ ଭାବେ ଅଟକ ରଖି ନିର୍ଯାତନା ଦେଇଥିଲା ବୋଲି ପ୍ରଶ୍ନ ଉଠିଛି । ଏମିତି ନିର୍ଯାତନା ଦେଲେ ଯେ ଶେଷରେ ତାଙ୍କର ମୃତ୍ୟୁ ହୋଇଗଲା । ଅନ୍ୟପକ୍ଷରେ ଏନ-ଏଚଆରସିଙ୍କ ଗାଇଡ ଲାଇନ ଅନୁସାରେ ସୁଶାନ୍ତଙ୍କ ମୃତଦେହର ବ୍ୟବଚ୍ଛେଦ କରାଯାଇଛି । ବୁଧୁମୁର ସ୍ଥିତ ଏମସେସିବି ମେଡିକାଲ କଲେଜ ଓ ହସ୍‌ପିଟାଲର ଏଫଏମଟିର ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସୁଦାପା ଦାସଙ୍କ ନେତୃତ୍ୱରେ ତିନି ଜଣ ବରିଷ୍ଠ ଡାକ୍ତରଙ୍କ ଦ୍ୱାରା ସୁଶାନ୍ତଙ୍କ ବ୍ୟବଚ୍ଛେଦ କରାଯାଇଛି ।

ଏସଟି ଛାତ୍ରଛାତ୍ରୀଙ୍କ ପାଇଁ ସିଟ୍ ସଂରକ୍ଷଣ ୨୨.୫ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର, ୨/୬ (ଆ.ପ୍ର) : ବୈଷୟିକ ଶିକ୍ଷାରେ ବଢିଲା ସିଟ୍ ସଂରକ୍ଷଣ । ଏସଟି, ଏସସି, ଏସିବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ବଢିଲା ସିଟ୍ ସଂରକ୍ଷଣ । ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରୁ ଇଞ୍ଜିନିୟରିଂ ଓ ମେଡିକାଲ୍ ଆଦି ବୈଷୟିକ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତି କାର୍ଯ୍ୟକାରୀ ହେବ । ଏ ସମ୍ପର୍କରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ନିଷ୍ପତ୍ତି ଦ୍ୱାରା ବର୍ତମାନ ଅନୁସୂଚିତ ଜନଜାତି ବର୍ଗ ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ହାଲ ୧୨ ପ୍ରତିଶତରୁ ୨୨.୫ ପ୍ରତିଶତକୁ ଏବଂ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ୮ ପ୍ରତିଶତରୁ ୧୬.୨୫ ପ୍ରତିଶତକୁ ବୃଦ୍ଧି ପାଇଛି । ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ପୂର୍ବରୁ କୌଣସି ସଂରକ୍ଷଣ ନଥିବା ବେଳେ ବର୍ତମାନ ଏହା ୧୧.୨୫ ପ୍ରତିଶତ ହୋଇଛି । ଏହାଦ୍ୱାରା ଏହି ସବୁ ବର୍ଗର ଛାତ୍ରଛାତ୍ରୀମାନେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅନୁବନ୍ଧିତ କଲେଜ ଓ ଶିକ୍ଷାନୁଷ୍ଠାନ, ଆଇ.ଟି.ଆଇ ଏବଂ ପଲିଟେକ୍ନିକ୍ ଗୁଡିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିଅରିଂ, ଟେକ୍ନୋଲୋଜି, ମ୍ୟାନେଜ୍‌ମେଣ୍ଟ, କମ୍ପ୍ୟୁଟର ଆପ୍ଲିକେସନ୍, ମେଡିସିନ୍, ସର୍ଜରୀ, ଡେଂଟାଲ, ନର୍ସିଂ, ଫାର୍ମାସି, ଆନୁସଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣିଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, ଏଗ୍ରିକଲ୍ଚର ଆଣ୍ଡ ଆଲାଏଡ୍ ସାଇନ୍ସସ୍, ଆର୍କିଟେକ୍ଟ, ପ୍ଲାନିଙ୍ଗ୍, ଫିନେମାଟିକ ଆର୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ ହେବ । ସୂଚନାଯୋଗ୍ୟ, ନିୟୁକ୍ତି ଏବଂ BA, BCom, BSc ଜଳି ଶାଖାଗତ ଉଚ୍ଚଶିକ୍ଷାରେ ଏହି ସବୁ ବର୍ଗର ପିଲାମାନଙ୍କ ପାଇଁ ସାମାଜୁପାତିକ ସଂରକ୍ଷଣ ରହିଛି । ଏଥିରେ ଅନୁସୂଚିତ ଜନଜାତିଙ୍କ ପାଇଁ ୨୨.୫୦ ପ୍ରତିଶତ, ଅନୁସୂଚିତ ଜାତି ପିଲାଙ୍କ ପାଇଁ ୧୬.୨୫ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ୧୧.୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି । ତେବେ, ଇଞ୍ଜିନିୟରିଂ ଓ ମେଡିକାଲ ପରି ବୈଷୟିକ ଶିକ୍ଷାରେ ଅନୁସୂଚିତ ଜନଜାତିଙ୍କ ପାଇଁ ମାତ୍ର ୧୨ ପ୍ରତିଶତ, ଅନୁସୂଚିତ ଜାତି ପିଲାଙ୍କ ପାଇଁ ୮ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା ନଥିଲା । ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ, ଏହି ବର୍ଗର ପିଲାମାନଙ୍କୁ ନ୍ୟାୟ ମିଳି ପାରିଛି ।

ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, ୨/୬ (ଆ.ପ୍ର) : ଆସନ୍ତା ୨୦ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍গପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେବେକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବୁଧବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ମିଟିଂରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସୁଚାରୁରେ ସୁରକ୍ଷା ବ୍ୟବସ୍ଥା, ସଭାରେ ଯୋଗଦେଉଥିବା ସାଧାରଣ ଲୋକଙ୍କ ପାଇଁ ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ପାଇଁ ଜରୁରୀ ଅଧିକାରୀମାନଙ୍କ ନିର୍ଦ୍ଦେଶ ଦେଇଥିଲେ । ଯେହେତୁ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେଛନ୍ତି ତେଣୁ କାର୍ଯ୍ୟକ୍ରମକୁ ସୁବାରୁ ରୂପେ ଆୟୋଜନ କରିବା ପାଇଁ ଗୁରୁତ୍ୱ ପ୍ରଦାନ କରିଛନ୍ତି ମୋହନ ମାଝୀ । ସେଥିସ୍ତୁତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଅବସରରେ ଓଡିଶା ପାଇଁ ଅନେକ ଘୋଷଣା ଉତ୍ସାହବ୍ୟଞ୍ଜକ ଉତ୍ସାହବ୍ୟଞ୍ଜକ ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

ଦଳ ଛାଡିଲେ ତାମିଲନାଡୁର ପୂର୍ବତନ ବିଜେପି ମୁଖ୍ୟ ଆନ୍ନାମଲାଇ

ନୂଆଦିଲ୍ଲୀ, ୨/୬(ନ୍ୟୁ.ଏ): ତାମିଲନାଡୁର ପୂର୍ବତନ ବିଜେପି ମୁଖ୍ୟ କେ. ଆନ୍ନାମଲାଇଙ୍କ ବଡ଼ ନିଷ୍ପତ୍ତି । ମାଙ୍କଡାଳ ସେ ବିଜେପିରୁ ଇସ୍ତଫା ଦେଇଛନ୍ତି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବିନଙ୍କୁ ଛେଡି ନିଜର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । ସୂତ୍ରରୁ ମିଳିଥିବା ଖବର ଅନୁସାରେ, ନୀତିନ ନବିନ ଓ ସଂଗଠନର ମହାସଚିବ ବିଏଲ୍ ସନ୍ତୋଷଙ୍କ ସହ ହୋଇଥିବା ବୈଠକରେ ଆନ୍ନାମଲାଇ ସୌହାର୍ଦ୍ଦପୂର୍ଣ୍ଣ ପରିବେଶରେ ଦଳରୁ ଇସ୍ତଫା ଦେବାର ଇଚ୍ଛା ପ୍ରକାଶ କରିଥିଲେ । ସେ ସ୍ପଷ୍ଟ ଭାବରେ କହିଥିଲେ, ଏବେ ସେ ନିଜର ରାସ୍ତା ନିଜେ ଚିହ୍ନିବା କରିବାକୁ ଚାହାନ୍ତି । ପାର୍ଟି ସୂତ୍ରର କହିବା ଅନୁସାରେ, ବିଜେପିର ବଡ଼ ନେତା ଆନ୍ନାମଲାଇଙ୍କୁ ଗୋଳିକାକୁ ମଧ୍ୟ ଚେଷ୍ଟା କରିଥିଲେ । କାରଣ ତାଙ୍କୁ ରାଷ୍ଟ୍ରୀୟ ସ୍ତରର ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରଦାନ କରାଯିବାର ମଧ୍ୟ ଚର୍ଚ୍ଚା ଥିଲା । ତାଙ୍କୁ ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ଦିଲ୍ଲୀ ନଛାଡିବାକୁ ବି କୁହାଯାଇଥିଲା । ଆନ୍ନାମଲାଇ ବାର୍ତ୍ତା ଦିନ ଧରି ତାମିଲନାଡୁରେ ବିଜେପିର ଏକ ପ୍ରମୁଖ ଚେହେରା ରହିଆସିଛନ୍ତି । ସେ ଏବେ ଏକ ନୂତନ ଦଳ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେ ଖୁବ୍ ଶୀଘ୍ର ତାଙ୍କର ନୂତନ ଦଳ ଘୋଷଣା କରିବେ ବୋଲି ଆଶା କରାଯାଉଛି । ଏହି ସମୟରେ, ବିଜେପି ତାଙ୍କୁ ମନାଇବାକୁ ଚେଷ୍ଟା କରୁଛି । ଦଳୀୟ ନେତୃତ୍ୱ ଏବେ ବି ଆଶାବାଦୀ ଯେ ସେମାନେ ଅନ୍ନାମଲାଇଙ୍କୁ ରହିବାକୁ ରାଜି କରାଇପାରିବେ, କିନ୍ତୁ ସୂତ୍ରରୁ ଜଣାପଡିଛି ଯେ, ସେ ଆଉ ବିଜେପି ଫେରିନପାରନ୍ତି । ଆଇପିଏସ୍ ଅଧିକାରୀରୁ ରାଜନେତା ହୋଇଥିବା ଅନ୍ନାମଲାଇ ୨୦୨୦ ରେ ବିଜେପିରେ ଯୋଗ ଦେଇଥିଲେ ଏବଂ ଶୀଘ୍ର ତାମିଲନାଡୁରେ ଦଳର ପ୍ରମୁଖ ନେତାମାନଙ୍କ ମଧ୍ୟରୁ ଜଣେ ହୋଇପାରିଥିଲେ । ୨୦୨୧ ରୁ ୨୦୨୫ ପର୍ଯ୍ୟନ୍ତ ରାଜ୍ୟ ବିଜେପି ସଭାପତି ଭାବରେ, ସେ ଅନେକ ରାଜ୍ୟସ୍ତରୀୟ ଅଭିଯାନର ନେତୃତ୍ୱ ନେଇଥିଲେ ଏବଂ ଯୁବ ଭୋଟର ଏବଂ ସୋଷିଆଲ ମିଡିଆ ଫଲୋଅର୍ସଙ୍କ ମଧ୍ୟରେ ଏକ ଦୃଢ଼ ସମର୍ଥନ ଭିତ୍ତିଭୂମି ଗଠନ କରିଥିଲେ ।

ବଦଳିଲେ ସିବିଏସ୍‌ଇ ଅଧ୍ୟକ୍ଷ ଓ ସଚିବ, ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨/୬(ନ୍ୟୁ.ଏ): ସିବିଏସ୍‌ଇ ପ୍ରଶ୍ନ ମୂଲ୍ୟାଙ୍କନ ବିବାଦରେ କେନ୍ଦ୍ର ସରକାର ନେଇଛନ୍ତି ବଡ଼ କାର୍ଯ୍ୟାନୁଷ୍ଠାନ । ବିବାଦ ଦିନକୁ ଦିନ ବଢୁଥିବାରୁ ଆଜି ସରକାର ସିବିଏସ୍‌ଇ ଅଧ୍ୟକ୍ଷ ଓ ସଚିବଙ୍କ ବଦଳି କରି ଦେଇଛନ୍ତି । ସିବିଏସ୍‌ଇର ଡିଜିଟାଲ ମୂଲ୍ୟାଙ୍କନ ବ୍ୟବସ୍ଥାରୁ ନେଇ ବିବାଦ ଲାଗି ରହିଥିବା ବେଳେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସିବିଏସ୍‌ଇ ଅଧ୍ୟକ୍ଷ ଆଇଏଏସ ରାହୁଲ ସିଂହ ବୋର୍ଡର ସମସ୍ତ କାର୍ଯ୍ୟ ଓ ପରୀକ୍ଷା ସଂଚାଳନ କଥା କୁହୁଥିଲେ । ଶିକ୍ଷା ମନ୍ତ୍ରଣାଳୟ ସହ ସେ ସମନ୍ୱୟ ରକ୍ଷା କରୁଥିଲେ । ସେହିପରି ସଚିବ ଭାବେ କାର୍ଯ୍ୟ କରୁଥିବା ଆଇଏଏସ୍ ହିମାଂଶୁ ଗୁପ୍ତା ପ୍ରଶାସନିକ, ଅର୍ଥ ଓ ଏହା ସହ ଜଡ଼ିତ କାର୍ଯ୍ୟର ଦେଖାଶୁଣା କରୁଥିଲେ । ଏବେ ପ୍ରଥମ ପର୍ଯ୍ୟାୟରେ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏଥିବାଦ ଅନ ଷ୍ଟିକ ମାର୍କିଂ (ଓଏସ୍‌ଏମ) ବ୍ୟବସ୍ଥା ଜେଉଁ ପରିସ୍ଥିତିରେ ଗ୍ରହଣ କରାଯାଇଥିଲା, ତା'ର ତଦନ୍ତ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ସରକାର । ଓଏସଏମ ତଦନ୍ତ ପାଇଁ ଜଣିଷିଆ କମିଟି ଗଠନ କରାଯାଇଛି । କାପାସିଟି ବିଲ୍ଡିଂ କମିଶନ ଅଧୀନ ଏସ୍ ରାଧା ଚୌଧାନଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି ସରକାର । ଜଣିଷିଆ କମିଟି ଗୋଟିଏ ମାସେ ଭିତରେ ତଦନ୍ତ ରିପୋର୍ଟ ଦେବ । କମିଟିର ରିପୋର୍ଟ ଦେବା ପରେ ସରକାର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । କମିଟିର କାର୍ଯ୍ୟ ପରିସୀମା ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରକାଶ ପାଇ ନାହିଁ । କିନ୍ତୁ ଓଏସ୍‌ଏମ ପାଇଁ ରୁଲ୍ସ କେମିତି ଦିଆ ଯାଇଥିଲା ସମସ୍ତ ନିୟମାବଳୀ ଓ ପ୍ରକ୍ରିୟା ଠିକ ଭାବେ ଅନୁସରଣ କରାଯାଇଥିଲା କି ନାହିଁ, ତା'ର ଯାଂ କମିଟି କରିବ ବୋଲି ଜଣାପଡ଼ିଛି । ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀର ଫଳାଫଳ ପ୍ରକାଶ ପାଇବା ପରେ ଶିକ୍ଷାର୍ଥୀମାନଙ୍କ ପାଇଁ ସ୍କାନ୍ କରାଯାଇଥିବା ଉତ୍ତରଖାତା ଦେଖିବାର ସୁବିଧା ଉପଲବ୍ଧ କରାଯାଇଥିଲା । କିନ୍ତୁ ଏହି ସ୍କାନ ଉତ୍ତର ଖାତା ଦେଖିବା ସମୟରେ ଶିକ୍ଷାର୍ଥୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ । ଅନେକ ପରୀକ୍ଷାର୍ଥୀ କହିଥିଲେ ଯେ ସେମାନଙ୍କୁ ସ୍ପଷ୍ଟ ବୁଝାମାନ ହେଉ ନଥିବା ପୃଷ୍ଠା ସହ ସଂପୂର୍ଣ୍ଣ ଉତ୍ତର ଖାତା ମିଳୁନାହିଁ । ସେହିପରି ଗୋର୍ଡର ଅନଲାଇନ୍ ସେବା ମଧ୍ୟ ଠିକ ଭାବେ ଉପଲବ୍ଧ ହେଉନାହିଁ । ଏଥାପରେ ଓଏସଏମ୍ ପ୍ଲାଟଫର୍ମ ଓ ଡିଜିଟାଲ ମୂଲ୍ୟାଙ୍କନ ରୁଲ୍ସ ପ୍ରଦାନ ପାଇଁ ହୋଇଥିବା ଚେଷ୍ଟାର ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠିଛି । ବିଜ୍ଞୋତ୍ତର ଚୟନ ପ୍ରକ୍ରିୟା, ସାଇବର ସୁରକ୍ଷା ସମସ୍ୟା ଓ ପ୍ରଶ୍ନ ମୂଲ୍ୟାଙ୍କନ ସେବାରେ ବିଳମ୍ବକୁ ନେଇ ମଧ୍ୟ ବିବାଦ ଦେଖାଯାଇଛି । ସିବିଏସ୍‌ଇର ମୂଲ୍ୟାଙ୍କନ ଓ ରୋଲ୍ସ ପରେ ନିଆଯାଇଥିବା ପଦକ୍ଷେପ ଉପରେ ଗୋଟିଏ ସପ୍ତାହ ଧରି ବିବାଦ ଲାଗି ରହିଥିଲା । ଏଥାକୁ ନେଇ ପୂରା ଦେଶର ଶିକ୍ଷାର୍ଥୀ, ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି ହୋଇଥିଲା । ଏଥିପାଇଁ ସରକାର ଏପରି ପଦକ୍ଷେପ ନେଇଛନ୍ତି ।

ଅତିଶୟ କମ ଓଜନ ଶିଶୁଙ୍କ ଦୈନିକ ଖାଦ୍ୟ ଖର୍ଚ୍ଚ ୮ ଟଙ୍କା ରୁ ୧୮ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର, ୨/୬ (ଆ.ପ୍ର) : ଶିଶୁ ଜୀବନର ପ୍ରଥମ ୧୦୦୦ ଦିନର ଗୁରୁତ୍ୱକୁ ବୁଝାଇଥିବା ଏକ ସରଳ 'ଡିଜିଟାଲ ଚାବି' ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉନ୍ମୋଚନ କରିଛନ୍ତି । ଏହା ସହିତ ଅତିଶୟ କମ୍ ଓଜନ ଥିବା ଶିଶୁ ଏବଂ ଅଙ୍ଗନୱାଡ଼ି ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ସକାଳ ଜଳଖୁଆ ବାବଦ ଖର୍ଚ୍ଚକୁ ସରକାରଙ୍କ ପକ୍ଷରୁ ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିଶୁର ଖାମଖିଆଲି ବିକାଶ ପାଇଁ ଜୀବନର ପ୍ରଥମ ୧୦୦୦ ଦିନ (ଗର୍ଭ ସଂଚାର ଠାରୁ ଆରମ୍ଭ କରି ଶିଶୁର ଦ୍ୱିତୀୟ ଜନ୍ମଦିନ ପର୍ଯ୍ୟନ୍ତ) ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ସମୟର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଆଯାଇ ମହିନା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏହି ଚାବିରେ ଓଡ଼ିଆ ଭାଷାରେ ଅତି ସରଳ ଭାବରେ ଜୀବନର ପ୍ରଥମ ୧୦୦୦ ଦିନର ପ୍ରତିଟି ସ୍ତର ଏବଂ ତାର ଯତ୍ନ ବିଷୟରେ କୁଝାଇ ଦିଆଯାଇଛି । ଅଙ୍ଗନବାଡି କିଡିମାନେ ନିଜର ଗୃହ ପରିଦର୍ଶନ ସମୟରେ ଏହି ବହି ଟିକୁ ବ୍ୟବହାର କରି ହିତାଧିକାରୀମାନଙ୍କୁ ସଚେତନ କରିବେ । ଏଥି ସହିତ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଅଧୀନରେ ଅତିରିକ୍ତ ୬ ଟଙ୍କା ପ୍ରଦାନ କରାଯାଇଛି । ଫଳସ୍ୱରୂପ, ବର୍ତମାନ ଏହି ଶିଶୁମାନଙ୍କୁ ପ୍ରତିଦିନ ସର୍ବମୋଟ ୧୮ ଟଙ୍କାର ଖାଦ୍ୟ ଯୋଗାଇ ଦିଆଯିବ । ରାଜ୍ୟର ପ୍ରାୟ ୩୫,୦୦୦ ଅତିଶୟ କମ୍ ଓଜନର ଶିଶୁ ଏହି ସୁବିଧାର ସିଧାସଳଖ ଲାଭ ପାଇବେ ଏବଂ ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୧୦.୭ କୋଟି ଟଙ୍କାର ଅତିରିକ୍ତ ବ୍ୟୟଭାର ବହନ କରିବେ । ଅନୁରୂପ ଭାବେ, ଅଙ୍ଗନୱାଡ଼ି କେନ୍ଦ୍ରର ପ୍ରାକ୍-ବିଦ୍ୟାଳୟ ଶିଶୁ (୩ ବର୍ଷରୁ ୬ ବର୍ଷ ବୟସ)ମାନଙ୍କ ସକାଳ ଜଳଖୁଆ ବାବଦକୁ ଦୈନିକ ଖର୍ଚ୍ଚ ୧.୨୪ ଟଙ୍କାରୁ ବୃଦ୍ଧି କରାଯାଇ ୩.୫୬ ଟଙ୍କା କରାଯାଇଛି । ଶିଶୁମାନଙ୍କ ପାଇଁ ରାଜ୍ୟ ସରକାର ଏହି ସକାଳ ଜଳଖୁଆ ବାବଦକୁ ସରକାର ନିଜସ୍ୱ ବଜେଟ୍ ବାର୍ଷିକ ପ୍ରାୟ ୧୨୬.୮୩ କୋଟି ଟଙ୍କା ଅତିରିକ୍ତ ବ୍ୟୟଭାର ବହନ କରିବେ ।

ପୁଷ୍ଟି ଖାଦ୍ୟର ଦୈନିକ ଖର୍ଚ୍ଚକୁ ୮ ଟଙ୍କାରୁ ୧୨ ଟଙ୍କାକୁ ବୃଦ୍ଧି କରାଯାଇଛି । ଏଥା ସହିତ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋ

ସମସ୍ତଙ୍କ
ଆରମ୍ଭ
SEITHO ARAMBHA

ବୁଧବାର, ୩ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଯୁବକ ଜଣକ ଗଛରେ ବାଇକ ଧକ୍କାଦେଇ ଚାଳକ ମୃତ

ଧାମନଗର, ୦୨/୦୬ (ଆ.ପ୍ର) : ଧାମନଗର ଥାନା ଅନ୍ତର୍ଗତ ବଡପୁର କେନାଲ ନିକଟରେ ସୋମବାର ଅପରାହ୍ନରେ ଜଣେ ବାଇକ ଚାଳକ ଗଛରେ ପିଟି ହୋଇ ମୃତ୍ୟୁ ବରଣ କରିଛନ୍ତି । ସୂଚନା ଅନୁଯାୟୀ ମୃତକ ଜଣକ ଧାମନଗର ଏନ୍‌ଏସି ଅଧିନ ଶ୍ୟାମପୁର ଗ୍ରାମର ସେକ ମସ୍ତୁଙ୍କ ବଡ଼ ପୁଅ ସେକ ଲାଲା (୪୫) ସେ ହଦିବନରର ଗ୍ରାମର ରହୁଥିଲେ । ସେକ ଲାଲା ଉତ୍କଳରୁ ସାତରଉଣି-ଚୁଡାକୁଟି ଗାଡ଼ୀ ଦେଇ ବାଇକରେ ଧାମନଗର ଫେରୁଥିବା ବେଳେ ବଡପୁର କେନାଲ ନିକଟ ରାସ୍ତାଛଡ଼ରେ ଥିବା ଏକ ଅର୍ଜୁନ ଗଛକୁ ଧକ୍କା ଦେଇଥିଲେ । ପରରେ ସେ ରାଇରୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡାକି ତାଙ୍କୁ ଉଦ୍ଧାର କରି ଉତ୍କଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ପରିବାର ଲୋକଙ୍କ ସହ ସମ୍ପର୍କୀୟମାନେ ଉତ୍କଳ ମେଡିକାଲରେ ପହଂଚିଥିଲେ । କାଲା ଟେଡ ହାଉସ କରି ସମସ୍ତଙ୍କର କାର୍ଯ୍ୟ କରିବା ସହ ଆପଣାର ହୋଇପାରିଥିଲେ । ଏହି ଦୁଃଖ ଘଟଣାକୁ ନେଇ ପୁରା ଅଂଚଳରେ ଶୋକ ଖେଳିଯାଇଛି । ଧାମନଗର ପୁଲିସ ଘଟଣାର ତଦନ୍ତ କରୁଛି । ମାଙ୍ଗଚଡାର ଗ୍ରାମରେ ଏକ କବରସ୍ଥାନ ପରିସରରେ କବର ଦିଆଯାଇଛି । ସୋମବାର ସନ୍ଧ୍ୟାରେ ପାରଦାଙ୍ଗଙ୍କ ସ୍ଥାନ ନାଡ ସୟଦ ଗୋଲାମ ଅହେଲ୍ଲାଦ ହଦିବି (ମସ୍ତାନ-ଏ ମଲୁଡ) ସେକ ଲାଲାଙ୍କ ଦୁର୍ଘଟଣା ଖବର ପାଇ ସବବନ୍ଦେ ତାଙ୍କ ବାସଭବନରେ ପହଂଚି ଗଭୀର ଦୁଃଖ ପ୍ରକାଶ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

ପ୍ରଧାନ ଶିକ୍ଷକ ହୃଷିକେଶ ମେହେରଙ୍କୁ ଅବସର କାଳୀନବିଦାୟ ସମ୍ବର୍ଦ୍ଧନା

ଜବାନୀପାଟଣା, ୦୨/୦୬ (ଆ.ପ୍ର) : କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୁମାରଗଡ଼ରେ ନବାଗତ ଲାଭପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗମୋହନ ବାଗଙ୍କ ସଭାପତିତ୍ୱରେ ଶିକ୍ଷକ ହୃଷିକେଶ ମେହେରଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଉକ୍ତ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥି ଭାବେ ପ୍ରକଳ୍ପ ପ୍ରଶାସକ ପ୍ରଦ୍ୟୁମ୍ନ ବାସ, ସମ୍ମାନିତ ଅତିଥି ଭାବେ ଲାଭପ୍ରାପ୍ତ ଜିଲ୍ଲା ମାଙ୍ଗଳ ଅଧିକାରୀ ଜାନକୀ ବଲୁଲ ସାମନ୍ତରାୟ, ଅତିରିକ୍ତ ଜିଲ୍ଲା ମାଙ୍ଗଳ ଅଧିକାରୀ ମୋହିତ କୁମାର ରୋଲ, ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଂଘ ସଭାପତି ତଥା ମଧୁପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଦବାଣୀ ପ୍ରଧାନ, ଅମ୍ବମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶତ୍ରୁଜିତ ପତି, ଗଣିପଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ ମାଝୀ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କୃପାସିନ୍ଧୁ ହରିଜନ, ସ୍ଥାନୀୟ ସରପଂଚ ସୟମୁର୍ ଜଛପାନ, କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗଣେଶ କୁମାର ପଣ୍ଡା, ପ୍ରମୁଖ ଉପସ୍ଥିତ ଥିଲେ । ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସମାରୋହଟି ଖୁବ୍ ସୁନ୍ଦର ଭାବରେ ସମ୍ମାନିତ ହୋଇଥିଲା । ବିଦାୟୀ ପ୍ରଧାନ ଶିକ୍ଷକ ହୃଷିକେଶ ମେହେରଙ୍କୁ ମାନପତ୍ର, ଫୁଲତୋଡ଼ା, ଉପଢୌକନ ଏବଂ ବିଭିନ୍ନ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର ମେହେର ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ପରିଚାଳନା କରିଥିଲେ । ବିଜ୍ଞାନ ଶିକ୍ଷକ ସୁଶିଳ କୁମାର ନାଗ ମାନପତ୍ର ପାଠ କରିଥିଲେ । ଉକ୍ତ ସମାରୋହରେ ବିଭାଗର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଂଚଳର ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତି ରହି ଉପବଦିଟିକୁ ଆହୁରି ଗାରିମାମୟ କରିଥିଲେ ।

ଜି.ଉଦୟଗିରି ବ୍ଲକର ବିଭିନ୍ନ ପଂଚାୟତ ବୁଲିଲେ ଜିଲ୍ଲାପାଳ

ଜି.ଉଦୟଗିରି, ୦୨/୦୬ (ଆ.ପ୍ର) : କନ୍ଧମାଳ ଜିଲ୍ଲାପାଳ ଶ୍ରୀ ଦେବଦାରୁଷଣ ମଙ୍ଗଳବାର ଦିନ ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଂଚାୟତ ପରିଦର୍ଶନ କରିଥିବା ଦେଖିବାକୁ ମିଳିଛି । ଜିଲ୍ଲାପାଳ ସ୍ଥାନୀୟ ଭାରପ୍ରାପ୍ତ ବିଡିଓ ସତ୍ୟନାରାୟଣ ମିଶ୍ରଙ୍କ ସହ ଚରାଗାମୀମାଡା, ଜଳିଙ୍ଗା, ମାଲିଜାପଡ଼ି ପଂଚାୟତ ପରିଦର୍ଶନ କରିଛନ୍ତି । ଚରାଗାମୀମାଡା ପଂଚାୟତରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର, ଆଙ୍ଗନବାଡ଼ି କେନ୍ଦ୍ର ଓ ବବଡ଼ିମାଳା ଗ୍ରାମରେ ଗୃହାଷ୍ଟମୀ ଏଷଣବରେ ଦ୍ୱାରା ପରିଚାଳିତ କୁକୁଡ଼ା ଫାର୍ମ ବୁଲି ଦେଖିଥିଲେ । ସେହିପରି ଜଳିଙ୍ଗା ପଂଚାୟତ ଉଦିଗିଆ ଗ୍ରାମ ପ୍ରାଥମିକ ବିଦ୍ୟାଳୟ, ଜଳିଙ୍ଗା ଉଚ୍ଚ ବିଦ୍ୟାଳୟରେ ନିର୍ମିତ ଡାଇନିଂ ହଲ, ଜଳିଙ୍ଗା ନୋଡାଲ ସ୍କୁଲ ପରିଦର୍ଶନ କରିଥିଲେ । ତତସହିତ ମାଲିଜା ପଡ଼ି ପଂଚାୟତ ଭୂୟାଣ କୁପା ସ୍ଥିତ ଏୟୁ.ପି ସ୍କୁଲ ଏବଂ ଦାସରେଖା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମାଛିଆରେ ଖାଦ୍ୟ ପ୍ରସ୍ତୁତ କରୁଥିବା ସ୍ଥାନ ପରିଦର୍ଶନ କରିଥିଲେ । ଜିଲ୍ଲାପାଳଙ୍କ ଏହି କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ଆଇଏଏସ ଯଶକରଣ ଗିଂ, କନିଷ୍ଠ ଯନ୍ତ୍ରୀ ତାଜ ଅହମଦ ଖାନ, ବଡ଼ଭାର ମୂର୍ତ୍ତି, ପ୍ରମୋଦ ନାୟକ, ମିଶନ ଶକ୍ତି ବିପିସି ବିନୋଦ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

ବାସୁଦେବ ପୁର ବିଜେଡ଼ି ପକ୍ଷରୁ ବିଜୟଶ୍ରୀ ରାଉତରାୟଙ୍କ ୫ମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ବାସୁଦେବପୁର, ୦୨/୦୬ (ଆ.ପ୍ର) : ଓଡ଼ିଶା ରାଜନୀତିର ଜଣେ ବରିଷ୍ଠ ଓ ଜନପ୍ରିୟ ନେତା ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବିଜୟଶ୍ରୀ ରାଉତରାୟଙ୍କ ୫ମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବାସୁଦେବପୁରରେ ତାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ବାବୁଲି ରାଉ ନାମରେ ପରିଚିତ ବିଜୟଶ୍ରୀ ରାଉତରାୟ ୧୯୯୦ରୁ ୨୦୧୯ ପର୍ଯ୍ୟନ୍ତ ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ଲଗାତାର ୬ଥର ବିଧାୟକ ଭାବେ ନିର୍ବାଚିତ ହୋଇ ଅଂଚଳର ବିକାଶରେ ଅମୂଲ୍ୟ ଅବଦାନ ଗଢ଼ିଥିଲେ । ତାଙ୍କର ୫ମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବିଜୁ ଜନତା ଦଳ ପକ୍ଷରୁ ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା । ଉକ୍ତ ଜିଲ୍ଲା ବାସୁଦେବପୁର ସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଜନନେତା ବିଜୟଶ୍ରୀ ରାଉତରାୟଙ୍କ ୫ମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଛି । ଏହି ଅବସରରେ ତାଙ୍କ ପଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଉପସ୍ଥିତ ନେତୃବୃନ୍ଦ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସଭାରେ ବୁଲ ସଭାପତି ଦୀନବନ୍ଧୁ ଦାସ, ମୁଚିପିପାଲିଟି ସଭାପତି ଶ୍ୟାମସୁନ୍ଦର ମହାନ୍ତି, ଝାଡ଼ ବିଜେଡି ସଭାପତି କାନୁଗା ସାହୁଙ୍କ ସମେତ ବରିଷ୍ଠ ନେତା ଅଶୋକ ନାୟକ, ପ୍ରମୁଖ ପାଳିତା, ଗୋବିନ୍ଦ ସେଠୀ, ପ୍ରମୁଖ ବିଶ୍ୱାକ, ରାଜେନ୍ଦ୍ର କୁମାର ସାହୁ, ଜୟରାମ ବେହେରା, ଜମାଲାନ୍ତ ଦାସ, ସିରିଶ ସାମଲ, ଉତମ ବାରିକ, ମନୋଜ ବାରିକ, ଚିତ୍ତୁୟ ବାରିକ, ରବି ନାୟକ ଶାରଦା ମାଝୀଙ୍କ ଓ ଅନ୍ୟାନ୍ୟ ନେତୃବୃନ୍ଦ ଯୋଗଦେଇଥିଲେ । ବକ୍ତାମାନେ ବିଜୟଶ୍ରୀ ରାଉତରାୟଙ୍କ ଦୀର୍ଘ ରାଜନୈତିକ ଜୀବନ, ଜନସେବା ଏବଂ ବାସୁଦେବପୁର ଅଂଚଳର ବିକାଶ ପ୍ରତି ତାଙ୍କ ଅବଦାନକୁ ସ୍ମରଣ କରିଥିଲେ । ସେ ଜନସାଧାରଣଙ୍କ ସହ ନିବିଡ଼ ସମ୍ପର୍କ ରଖି ଜଣେ ଜନନେତା ଭାବେ ଲୋକମାନଙ୍କ ହୃଦୟରେ ସ୍ଥାନ ପାଇଥିବା କଥା ବକ୍ତାମାନେ କହିଥିଲେ । କାର୍ଯ୍ୟକ୍ରମ ଶେଷରେ ନେତୃବୃନ୍ଦ ବୃକ୍ଷାଣ୍ଡମରେ ଫଳ ବଂଟନ କରି ଦିବଙ୍ଗତ ନେତାଙ୍କ ସ୍ମୃତିକୁ ସମ୍ମାନ ଜଣାଇଥିଲେ । ବାସୁଦେବପୁରରେ ବିଜୟଶ୍ରୀ ରାଉତରାୟଙ୍କ ୫ମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କ ଆଦର୍ଶ ଓ ଜନସେବାର ସ୍ମୃତିକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରା ଯାଇଛି ।

ମହିଳା ସ୍ୱାବଲମ୍ବୀ ହେବା ନିମନ୍ତେ ସିଲେଇ ତାଲିମ ଶିବିରର ଶୁଭାରମ୍ଭ

ଜି.ଉଦୟଗିରି, ୦୨/୦୬ (ଆ.ପ୍ର) : ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ତାଲିମ୍ କେନ୍ଦ୍ର ଠାରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ପାଇଁ ସିଲେଇ ମେସିନ ଅପରେଟର ତାଲିମ୍ ଗୋଷ୍ଠୀ ଜନ୍ମୟକ ଅଧିକାରୀ ସତ୍ୟନାରାୟଣ ମିଶ୍ରଙ୍କ ଜରଜମରେ ଶୁଭାରମ୍ଭ କରାଯାଇଛି । ଏଥିରେ ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ଓ ମିଶନ ଶକ୍ତି ଜିଲ୍ଲା ସ୍ତରୀୟ ସଙ୍ଘର ସଭାନେତ୍ରୀ ଯୋଗ ଦେଇଥିଲେ । ସୂଚନା ଅନୁସାରେ ଉକ୍ତ ତାଲିମ୍ ମିଶନ ଶକ୍ତି ବିଭାଗ ଦ୍ୱାରା ଲୁବନେଶ୍ୱରରୁ ଶୁଭଶ୍ରେୟ ସପୋର୍ଟ ପ୍ରାଇଭେଟ ଲିମିଟେଡ ନାମକ ଏକ ସଂସ୍ଥାର କର୍ମୀ ଶ୍ରୀମତୀ ଶର୍ମିଷ୍ଠା ମହାନ୍ତି, ବିନୁୟ ମହାରଣା ଓ ଅନ୍ୟ ୨ଜଣ କର୍ମୀ ତାଲିମ୍ ପ୍ରଦାନ କରିବେ । ଉକ୍ତ ତାଲିମ୍ ଶିବିରରେ ମୋଟ ୭୦ ଜଣ ସିଲେଇ ତାଲିମ୍, ୩୦ ଜଣ ବିଉଟି ପାର୍ଲର, ୬୦ ଜଣ ଆଗର ତିଆରି ଓ ୪୦ ଜଣ ଅଗରବତୀ ତିଆରି ତାଲିମ୍ ଗ୍ରହଣ କରିବେ । ସିଲେଇ ତାଲିମ୍ ପରେ ବ୍ଲକ ସ୍ତରୀୟ ଏକ ସିଲେଇ ୟୁନିଟି ଖୋଲାଯିବ ଯେଉଁଥିରେ ଏହି ତାଲିମ୍ ଗ୍ରହଣ କରିଥିବା ମହିଳାମାନେ ରୋଜଗାରର ସୁଯୋଗ ପାଇପାରିବେ ଓ ସ୍ୱାବଲମ୍ବୀ ହୋଇପାରିବେ । ସେହିପରି ବିଉଟି ପାର୍ଲର, ଆଗର ଓ ଅଗରବତୀ ତିଆରି ତାଲିମ୍ ଗ୍ରହଣ କରିଥିବା ମହିଳାମାନଙ୍କୁ ଶୁଦ୍ଧ ଶିକ୍ଷ ଅନୁଷ୍ଠାନ କରିବା ନିମନ୍ତେ ବ୍ୟାଙ୍କ ଋଣସହିତ ଋଣ ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି । ଯାହା ଫଳରେ ଗ୍ରାମୀଣ ଓ ସହରର ମହିଳାମାନେ ସ୍ୱାବଲମ୍ବୀ ହୋଇ ସମ୍ମାନର ସହ ଜୀବନଜୀବିକା ନିର୍ବାହ କରିପାରିବେ ।

ମୁକୁଳା ତାର ମହିଳାଙ୍କ ଜୀବନ ନେଲା

ପାରଳାଖେମୁଣ୍ଡି, ୦୨/୦୬ (ଆ.ପ୍ର) : ଗଜପତି ଜିଲ୍ଲାରେ ଏକ ଅଜାବଦନୀୟ ଘଟଣାରେ ଜଣେ ମହିଳାଙ୍କ ଜୀବନ ଚାଲିଯାଇଛି । ଘଟଣାରୁ ପ୍ରକାଶ ଟାକପଡା ଗ୍ରାମର ଲାଦିଗା ବେଜେରବଳେଇ ମୋଟରସାଇକେଲ ଯୋଗେ ଆସୁଥିବା ବେଳେ ଆର ଉଦୟଗିରି ଥାନା ଅନ୍ତର୍ଗତ କେଏମ୍‌ଲାଲିଆସାହି ନିକଟରେ ଓହଳୁଥିବା ବିଏସଏନଏଲ ତାର ତାଙ୍କର ବେକରେ ଗୁଡାଇ ହୋଇଯାଇଥିଲା । ଫଳରେ ସେ ତଳେ କଟାଟି ହୋଇ ପଡିଯାଇଥିଲେ । ସେ ନିଜର ସମ୍ପର୍କୀୟ ଦିଅର ହରିଶ୍ଚନ୍ଦ୍ର ନାଏକଙ୍କ ସହ ବାଇକରେ ଛେଡିଗଡ ବ୍ୟାଙ୍କକୁ ଯାଉଥିଲେ । ହଠାତ୍ ଏହିଭଳି ଘଟଣା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଛେଡିଗଡ ମେଡିକାଲ ନିଆଯାଇଥିଲା । ଗାଡିଚାଳକ ଆହତ ହୋଇଥିଲେ । ଚିକିତ୍ସା ସମୟରେ ମହିଳାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କଲେ । ଏହାପରେ ଏହି ଖବରପାଇ କେଏମଲାଲିଆସାହି ଗ୍ରାମର ଲୋକେ ରାସ୍ତା ଅବରୋଧ କଲେ । ଫଳରେ ଚୂଡ଼ପଟୁ ଯାତନାଦାୟକ ଅବସ୍ଥାଯାଇଥିଲା । ଖବରପାଇ ଆର୍ ଉଦୟଗିରି ପୋଲିସ ଓ ତହସିଲଦାର ସେହି ସ୍ଥାନରେ ପହଂଚିଥିଲେ । ଲୋକେ କ୍ଷତିପୂରଣ ଦାବୀ କରିଥିଲେ । ଗୋଟିକ୍ରମ୍ ପାଣ୍ଠିରୁ ୧୫୦୦୦ ଟଙ୍କା ମଂଜୁର କଲାପରେ ୫ଘଂଟା ପରେ ମହିଳାଙ୍କ ଶବ ଉଠାଇଥିଲେ । ସେହି ଶବକୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଗଲା । ବିଏସଏନଏଲ ବିଭାଗର ମନମାନି ପାଇଁ କାର୍ଯ୍ୟାନୁଷ୍ଠାନ ନେବାକୁ ଅଂଚଳବାସୀ ଦାବୀ କରିଛନ୍ତି । ଏହିଭଳି ଘଟଣା ଯେପରି ପୁନରାବୃତ୍ତି ନହୁଏ ସେଥିପାଇଁ ସତର୍କ କରାଯାଇଛନ୍ତି ।

ଗ୍ରେସିଙ୍ଗିଆରେ ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି

ଗୁ.ଉଦୟଗିରି, ୦୨/୦୬ (ଆ.ପ୍ର) : ଗୁ.ଉଦୟଗିରି ବ୍ଲକ ଅନ୍ତର୍ଗତ ଗ୍ରେସିଙ୍ଗିଆ ପଂଚାୟତରେ ସୋମବାର ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ଜନତାଙ୍କ ବିଭିନ୍ନ ସମସ୍ୟାର ତୁରନ୍ତ ଶୁଣାଣି ଓ ସମାଧାନ ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ଗୁ.ଉଦୟଗିରି ବ୍ଲକ ଲାଭପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟ ନାରାୟଣ ମିଶ୍ର ଉପସ୍ଥିତ ରହି ଗ୍ରାମବାସୀଙ୍କ ସମସ୍ୟା ଶୁଣିଥିଲେ । ଶିବିରରେ ମୋଟ ୨୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ପେନସନ ସମ୍ବନ୍ଧୀୟ ୧୧ଟି, ପାନୀୟ ଜଳ ସମସ୍ୟା ସମ୍ବନ୍ଧୀୟ ୮ଟି ଏବଂ ବିଦ୍ୟୁତ୍ ସମସ୍ୟା ସମ୍ବନ୍ଧୀୟ ୩ଟି ଅଭିଯୋଗ ପ୍ରମୁଖ ଥିଲା । ବିଶେଷକରି ଅନେକ ହିତାଧିକାରୀ ବ୍ଲକ ମାସ ଧରି ଭତା ପାଇନଥିବା ଅଭିଯୋଗ କରିଥିଲେ । ଏନେଇ ବିଡିଓ ଶ୍ରୀ ମିଶ୍ର କହିଥିଲେ ଯେ, ଷ୍ଟେବସାଇଟ୍ ଜନିତ ଟେକ୍ନିକାଲ ସମସ୍ୟା ଲାଭଣ୍ଡୁ ଭତା ପ୍ରଦାନରେ ବିଳମ୍ବ ହୋଇଛି । ଯଦି ଏକ ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ ନ ହୁଏ, ତେବେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ପୁନର୍ବାର ଅଭିଯୋଗ ଦାଖଲ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହାସହ ଗ୍ରେସିଙ୍ଗିଆ ଗ୍ରାମରେ ପାପସ ଯୋଗେ ଯୋଗାଣ ହେଉଥିବା ପାନୀୟ ଜଳ ଗୋଳିଆ ଆସୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ । ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ଅନ୍ୟାନ୍ୟ ଅଭିଯୋଗ ଗୁଡ଼ିକର ଶୀଘ୍ର ସମାଧାନ ପାଇଁ ମଧ୍ୟ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ଲୁହାଯାଇଥିଲା । ଏହି ଅବସରରେ ସ୍ଥାନୀୟ ସରପଂଚ ତ୍ରିଶିନା ପ୍ରଧାନ, ସମିତି ସଭ୍ୟା ପୂର୍ଣ୍ଣିମା ପ୍ରଧାନ, ବିଆରସି ମାନୁଏଲ ନାୟକ, ମଧ୍ୟ ଅଧିକାରୀ , କୃଷି ଅଧିକାରୀ, ଜଳୁଗଣ, ପିଇଡ ବେଦିଲତା ପାଣି, ଏଡିଓ, ବିଭିନ୍ନ ଖୁଣ୍ଟି ସଭ୍ୟାସଭ୍ୟା ଓ ଅନ୍ୟାନ୍ୟ ଜନପ୍ରତିନିଧି ଉପସ୍ଥିତ ଥିଲେ । ଗ୍ରାମୀଣ ମାନେ ଔପାସନକ୍ଷ ଭାବେ ନିଜ ସମସ୍ୟା ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିପାରୁଥିବାରୁ ଏଭଳି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ସ୍ୱାଗତ ଓ ପ୍ରଶଂସା କରିଥିଲେ ।

ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ ଉପରେ ସଚେତନତା ପଦଯାତ୍ରା ଅନୁଷ୍ଠିତ



ନବରଙ୍ଗପୁର, ୦୨/୦୬ (ଆ.ପ୍ର) : ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ନବରଙ୍ଗପୁର ସହରରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରା ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଆରମ୍ଭ ହୋଇ ବ୍ଲକ୍ କାର୍ଯ୍ୟାଳୟ ଠାରେ ସମାପ୍ତ ହୋଇଥିଲା । କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରାରେ ଜିଲ୍ଲାପାଳ ଡ଼.ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଡ଼. ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିଜୟଂତି ନାରାୟଣ ଦରଖାଳ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଜିଲ୍ଲା ସ୍ତରୀୟ ଅଧିକାରୀ, ମୋତେକ ଡ଼ି ଗ୍ରୀ କଲେଜ, ମହିଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବହୁ ସାଧାରଣ ଜନତା ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଅଂଶ ଗ୍ରହଣକାରୀମାନେ ହାତରେ ସଚେତନତା ପ୍ଲାକାର୍ଡ ଓ ବ୍ୟାନର ଧରି ଏସ୍.ଆଇ.ଆର୍ ପ୍ରକ୍ରିୟାରେ ସାମିଲ ହେବା ପାଇଁ ସ୍ଲୋଗାନ ଦେଇଥିଲେ । ଏହି ପଦଯାତ୍ରାରେ ଜିଲ୍ଲାପାଳ ଡ଼.ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଡ଼. ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିଜୟଂତି ନାରାୟଣ ଦରଖାଳ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମି

ଦୈନିକ
ଆରମ୍ଭ
SEITHO ARAMBHA
ବୁଧବାର, ୩ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ବାଲିଆପାଳ ୨୩ ନମ୍ବର ଜୋନସ୍ତରୀୟ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ

ଖପରାପଡା, ୦୨/୦୬ (ଆ.ପ୍ର) : ପ୍ରବଳ ଗରମ ପାଇଁ ରକ୍ତ ଜଖାରରେ ଦେଖା ଦେଉଥିବା ରକ୍ତର ଅଭାବକୁ ଆଖି ଆଗରେ ରଖି ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ଆହ୍ୱାନ କ୍ରମେ ରବିବାର ଦ୍ୱିତୀୟ ଦୁଇ କ୍ୟାମ୍ପ ବଲିଆପାଳ ହନୁମାନ ମନ୍ଦିର ଠାରେ ୨୩ ନମ୍ବର ଜୋନ୍ ସ୍ତରୀୟ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ବିଶାଳ ରକ୍ତଦାନ ଶିବିରକୁ ଉଦଘାଟନ କରି, ସମସ୍ତ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ । ୨୩ ନମ୍ବର ଜୋନର ସମସ୍ତ ଫଂଚାୟତର ଯୁବକମାନେ ରକ୍ତଦାନ କରିଥିଲେ । ଏହି ଶିବିରରୁ ମୋଟ ୫୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ଯୁବ ନେତା ସୌମ୍ୟଦୀପ ଚକ୍ରବର୍ତୀ, ସାମନ୍ତ ବାସ ମହାପାତ୍ର, ସରୋଜ ଦାସ, ଦେବୋଗ ଫଂଚାୟତ ସରପଂଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ବହୁ କ୍ୟାନ୍ସି ଉପସ୍ଥିତ ହୋଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟତ୍ର ଦେବେରା, ତାପସ ବିଶ୍ୱାଳ, ଜୟକୃଷ୍ଣ ନାୟକ, ଜିତେନ୍ଦ୍ର ବିଶ୍ୱାଳ, ବିଶ୍ୱଜିତ ଜେନା, କୃଷ୍ଣ ଜେନା, ଗୌତମ ଦାସ, ଦୀପକ ବିଶ୍ୱାଳ ପ୍ରମୁଖ ବହୁ ଛାତ୍ର ଓ ଯୁବ ନେତା ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

କବି ବ୍ରଜନାଥ ରଥଙ୍କ କବିତାରେ ଅଗ୍ନିଗର୍ଭା ବୈପ୍ଳବିକ ସ୍ୱର ପ୍ରସ୍ଫୁଟିତଂଚତ, ପ୍ରଦୀପ୍ତ କୁମାର ମିଶ୍ର

ନୀଳଗିରି, ୦୨/୦୬ (ଆ.ପ୍ର) : ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଓଡିଶାର ବାଲେଶ୍ୱର ଶାଖା ତରଫରୁ ମାଟିକ ସାହିତ୍ୟ ଚର୍ଚ୍ଚା ଏହି ମାଟିର କଥା ପ୍ରସଙ୍ଗରେ କବି ବ୍ରଜନାଥ ରଥ ଏକ ବୃଷ୍ଟିପାତ ଶୀର୍ଷକ ଆଲୋଚନାକୁ ଅନୁଷ୍ଠିତ ହୋଇଯାଇଛି । ପ୍ରାକୃତରେ ଜିଲ୍ଲାର ସଭାପତି ବର୍ଷିୟାନ ସାହିତ୍ୟିକ ପ୍ରଫେସର ରମାକାନ୍ତ ଦେବେରାଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଲେଖକ। କବି ସୁଚାସିନୀ ନା ସଂଯୋଜନା କରିଥିଲେ । ଆଲୋଚକ ଭାବରେ ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡିଆ ବିଭାଗର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଯୋଗଦେଇ କବି ବ୍ରଜନାଥ ରଥଙ୍କ କାବ୍ୟ ଜଗତ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଡ. ମିଶ୍ର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ କି କବି ବ୍ରଜନାଥ ରଥ ଜଣେ ମାନବବାଦୀ କବି ଭାବରେ ପରିଚିତ ଥିଲେ । ଭାରୟ ପ୍ରଗତିବାଦୀ ଓ ମାନବବାଦୀ କବି ବ୍ରଜନାଥ ସର୍ବଦା ମାଟି ମନଷ୍ୟ ଓ ମଣିଷ ମନସ୍କ ଥିଲେ । କବି ବ୍ରଜନାଥ କ୍ରାନ୍ତି - ଶାନ୍ତି - ମୁକ୍ତି ଓ ପ୍ରଗତିକାମୀ ସ୍ରଷ୍ଟା । ସର୍ବୋପରି କବି ବ୍ରଜନାଥ ରଥ ଅଶ୍ରୁର ଅସୁରଗତରୁ ମଣିଷର ମୁକ୍ତିପାଇଁ ତାଙ୍କ ଲେଖାମାନଙ୍କରେ ସମ୍ବେଦନଶୀଳତାର ଉତ୍ସସ୍ରୋତ ଅନୁଭୂତ ହୁଏବୋଲି ଡ. ମିଶ୍ର ପ୍ରକାଶ କରିଥିଲେ । ଶେଷରେ ଅନୁଷ୍ଠାନର ଉପସଭାପତି ଇନ୍ଦ୍ରେକ୍ଷ ଗିରି ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ । ଉକ୍ତ ଆସରରେ ବହୁ ଶ୍ରୋତା ଯୋଗଦାନ କରିଥିଲେ ।

ଦୁଷ୍ୟନ୍ତ ତ୍ୟାଗୀ ହେଲେ ଟିପିଏନଓଡିଏଲର ନୂଆ ସିଇଓ

ବାଲେଶ୍ୱର, ୦୨/୦୬ (ଆ.ପ୍ର) : ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍‌ଯୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ)ର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଦୁଷ୍ୟନ୍ତ କୁମାର ତ୍ୟାଗୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଦ୍ୟୁତ ବିତରଣ କ୍ଷେତ୍ରରେ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟର ଅଭିଜ୍ଞତା ରଖିଥିବା ତ୍ୟାଗୀ ବେଶର ବହୁ ନାମିଦାମୀ ବିଦ୍ୟୁତ ବିତରଣ କମ୍ପାନୀରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଛନ୍ତି । ସେ ଦିଲ୍ଲୀ ଇଞ୍ଜିନିୟରିଂ କଲେଜରୁ ସ୍ନାତକ ହାସଲ କରିଥିବାବେଳେ ଆଇଏମଆଇଏ ଦିଲ୍ଲୀରୁ ପରିଚାଳନା କ୍ଷେତ୍ରରେ ସ୍ନାତକୋତର ଡିଗ୍ରୀ ହାସଲ କରିଛନ୍ତି । ନିଜର ଅଭିଜ୍ଞତ ରଖି ଶ୍ରୀ ତ୍ୟାଗୀ କହିଛନ୍ତି ଯେ, "ଉପଭୋକ୍ତାଙ୍କୁ ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ବିଜୁଳି ସେବା ଯୋଗାଇବା ପାଇଁ ଟିପିଏନଓଡିଏଲର ସର୍ବଦା ପ୍ରତିଶ୍ରୁତିବଦ୍ଧ । ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅଭିନବ ପରିଚାଳନା ପଦ୍ଧତି ଦ୍ୱାରା ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଆମର ସର୍ବଦା ଲକ୍ଷ୍ୟ ରହି ଆସିଛି । ଟିପିଏନଓଡିଏଲର ସିଇଓ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଶ୍ରୀ ତ୍ୟାଗୀଙ୍କର ଟିପିସିଡିଏଲ, ଟାଟା ପାୱାର ଡିଡିଏଲ ଓ ଟିପିଏନଓଡିଏଲ ପ୍ରଭୃତି ସଂସ୍ଥାରେ ବାଣିଜ୍ୟ, ନେଟୱର୍କ ଇଞ୍ଜିନିୟରିଂ, ଅପରେସନ ସର୍ଭିସେସ, ଷ୍ଟୋର ଓ ଆଇଏଆର ଆଦି ବିଭାଗ ପରିଚାଳନା କ୍ଷେତ୍ରରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ରହିଛି । ତେବେ ଟିପିସିଡିଏଲର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ତଥା ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ ମୁଖ୍ୟ ଭାବେ ଟିପିଏନଓଡିଏଲ ପୂର୍ବତନ ସିଇଓ ଗଜାନନ କାଲେଙ୍କ ବଦଳି ହୋଇଛି । ସୂଚନାଯୋଗ୍ୟ ଟିପିଏନଓଡିଏଲ ପ୍ରାୟ ୯୭ଲକ୍ଷ ଲୋକଙ୍କୁ ବିଜୁଳି ସେବା ଯୋଗାଉ ଥିବାବେଳେ ୧୯ ଲକ୍ଷରୁ ଅଧିକ ପଞ୍ଜୀକୃତ ଉପଭୋକ୍ତା ଅଛନ୍ତି । ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ୨୭ହଜାର ୯୨୦ ବର୍ଗ କିଲୋମିଟର ଅଂଚଳକୁ ଟିପିଏନଓଡିଏଲ ବିଦ୍ୟୁତ ବିତରଣ କରୁଛି ।

କନହେଇ ଲାଲ ଦାସ ସ୍ମୃତି ସଂସଦ ପକ୍ଷରୁ ବାଲେଶ୍ୱରରେ ପାଳିତ ହେବ ଜୟନ୍ତୀ ଉତ୍ସବ

ଗାଳ୍ପିକ ରଞ୍ଜନ ପ୍ରଧାନ ପାଇବେ କନହେଇ କଥା ପୁରସ୍କାର

ବାଲେଶ୍ୱର, ୨/୬ (ଆ.ପ୍ର) : ପ୍ରତିବର୍ଷ ପରି ଚଳିତ ବର୍ଷ କନହେଇ ଲାଲ ଦାସ ସ୍ମୃତି ସଂସଦ ପକ୍ଷରୁ ଜୁନ୍ ୨୭ ରାଖିଖି ଦିନ ବାଲେଶ୍ୱର ସହର ସ୍ଥିତ ଆତିଥ୍ୟ ଭବନରେ ଅନୁଷ୍ଠିତ ହେବ କନହେଇ ଜୟନ୍ତୀ ଉତ୍ସବ ସମାରୋହ । ଏ ସମ୍ପର୍କରେ ଆଜି ସନ୍ଧ୍ୟାରେ ସ୍ଥାନୀୟ 'ସଙ୍କେତ' ପରିଷଦରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ସୁଭାଷ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭୋଗରାଇ ବିଧାୟକ ତଥା ସଂସଦର ଆଦାବକ ଗୌତମବୁଦ୍ଧ ଦାସ ଯୋଗ ଦେଇ ପ୍ରଥମେ ଫକୀରମୋହନ ସେନାପତିଙ୍କ ବିଦାବାୟ ମନ୍ତବ୍ୟ ଉପରେ ଏକ ନିନ୍ଦା ପ୍ରସ୍ତାବ ଆଣିଥିଲେ । ଆଜିର ଏହି ବୈଠକରେ ଆସନ୍ତା ଜୟବର ଭୂପରେଖ ବାବବରେ ସବିଶେଷ ଆଲୋଚନା କରାଯାଇଥିଲା । ଚଳିତବର୍ଷ କନହେଇ ଲାଲ ପୁରସ୍କାର ପାଇଁ କାର୍ଯ୍ୟକାରୀ ସଭାପତି ତଥା ପୁରସ୍କାର କମିଟି ମୁଖ୍ୟ କୃଷ୍ଣ କୁମାର ମହାନ୍ତି ସାମାବ୍ୟ ନାମ ଚାଳିକା ପ୍ରଦାନ କରିବା ପରେ ଯୁବ ଗାଳ୍ପିକ ରଞ୍ଜନ ପ୍ରଧାନଙ୍କୁ ଚଳିତବର୍ଷର କନହେଇ କଥା ପୁରସ୍କାର ପାଇଁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ପ୍ରକାଶ ଥାଉ କି, ତତ୍ତ୍ୱର ରଞ୍ଜନ ପ୍ରଧାନ ୧୯୭୯ ମସିହାରେ କେନ୍ଦ୍ରାପଡ଼ାର ନିଗିନିପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସ୍ନାତକୋତ୍ତର ଶିକ୍ଷା ପରେ ସହଜର ଗବେଷଣା କରି ସେ ପିଏଚଡ଼ି ଲାଭ କରିଛନ୍ତି । ତାଙ୍କର ଅଦ୍ୟାବଧି ୨୪ଟି ପୁସ୍ତକ ପ୍ରକାଶ ପାଇଛି ତନ୍ମଧ୍ୟରୁ ୩ ଟି କବିତା ପୁସ୍ତକ, ୮ ଟି କ୍ଷୁଦ୍ର ଗଳ୍ପ ସଙ୍କଳନ, ୩ଟି ଉପନ୍ୟାସ ଓ ୧୩ ଟି ଗବେଷଣା ଏବଂ ପ୍ରବନ୍ଧ ପୁସ୍ତକ ପ୍ରକାଶ ପାଇଛି । ସେ ତାଙ୍କ ଗଳ୍ପରେ ଆଦିବାସୀ ଜନଜାତିଙ୍କ କଥା ବର୍ଣ୍ଣନା କରିଥିବା ବେଳେ ଜଣେ ମାନବବାଦୀ ଗାଳ୍ପିକ ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । ଗଳ୍ପ ରଚନା ପାଇଁ ସେ ଅଦ୍ୟାବଧି କଳିଙ୍ଗ ପୁସ୍ତକ ମେଳା ପୁରସ୍କାର, କିଶୋରୀ ଚରଣ ପୁରସ୍କାର, ଜାତୀୟ ଯୁବ ପୁରସ୍କାର, ଜାଜି ଆସ୍ପଙ୍ଗ୍ ଅଲ୍ଲୀ ଉଦୟ ପ୍ରତିଭା ପୁରସ୍କାର, ତପସ୍ୟା ସୃଜନ ପୁରସ୍କାର, ଅକ୍ଷୟ ଉପନ୍ୟାସ ପୁରସ୍କାର ଭଳି ୩୦ ରୁ ଅଧିକ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି । କନହେଇ ଜୟନ୍ତୀ ଉତ୍ସବରେ ଅତିଥି ଭାବେ ଯୋଗ ଦେବା ପାଇଁ ବିଶିଷ୍ଟ କଥାଶିଳ୍ପୀ ପରେଶ କୁମାର ପଟ୍ଟନାୟକ ଓ ବିଶ୍ରୀ ଇନ୍ଦ୍ରସିଂ ସଦସ୍ୟ ସମ୍ମତି ପ୍ରଦାନ କରିଛନ୍ତି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂସଦର ଅନ୍ୟତମ ଆଦାବକ କବି ଶ୍ରୀଦେବ, ସାମାଦକ ରତ୍ନକ ମହାନ୍ତି, କୋଷାଧ୍ୟକ୍ଷ ସୋମନାଥ ରଥ, ସୁସ୍ମ ସମ୍ପାଦକ ଶୁଭେନ୍ଦୁ ଦାସ, ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ, ନିବାରଣ ଜେନା, ସାଷ୍ଟର ପଣ୍ଡା, ଯାଦବଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ସଂସଦର ସଦସ୍ୟ ଗାଳ୍ପିକ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

ସଂଘବଦ୍ଧ ଆକ୍ରମଣ, ଯୁବକ ଗୁରୁତର

ସିମୁଳିଆ,୦୨/୦୬ (ଆ.ପ୍ର) : ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକକୁ ମରଣାତ୍ମକ ସଂଘବଦ୍ଧ ଆକ୍ରମଣ, ଗୁରୁତର ଅବସ୍ଥାରେ ସିମୁଳିଆ ପରେ ଉଚ୍ଚତର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ କ୍ଷୀରକୋଣା ଫଂଚାୟତର ବନମାଳା ଦାସଙ୍କ ସ୍ତ୍ରୀ ରାଜଶ୍ରୀ ଦାସ ଥାନାରେ ଅଭିଯୋଗ ଅନୁଯାୟୀ ଦେବୁଶୁର ଲକ୍ଷ୍ମୀଧର ଦାସ (୪୪)ବର୍ଷ ଦେହ ଅସୁସ୍ଥ ଯେବୁ କ୍ଷୀରକୋଣା ମେଡିକାଲକୁ ଯିବା ସମୟରେ କ୍ଷୀରକୋଣା ବଜାରରେ ସେହି ଗ୍ରାମର ଗାଗନ ମଳିକ, ଚରଣା ମଳିକ, ସୁଦନ ମଳିକ, ମାଧ୍ୟ ମଳିକ ଓ ଭଲରା ମଳିକ ସଂଘବଦ୍ଧ ଅବର୍ତ୍ତିତ ତରାଣ ଭଳି ମରଣାତ୍ମକ ଆକ୍ରମଣ କରିଥିଲେ । ଉକ୍ତ କୁଳୁକୁଳୁ ଅବସ୍ଥାରେ ଗୁରୁତର ଲକ୍ଷ୍ମୀଧରଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଉଚ୍ଚତର ମେଡିକାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଛି । ଅଭିଯୋଗ ପାଇ ସିମୁଳିଆ ପୋଲିସ ଘଟଣା ତଦନ୍ତ କରିଥିବା ଜଣାଯାଇଛି ।

ଧର୍ମଗଡ଼ ବିଜେଡିର କାର୍ଯ୍ୟକର୍ତା ବୈଠକ ଅନୁଷ୍ଠିତ

ଧର୍ମଗଡ଼, ୦୨/୦୬ (ଆ.ପ୍ର) : ଧର୍ମଗଡ ଠାରେ ମହିଳା ସମାବେଶ ଓ ପେଟ୍ରୋଲ ଡିଜେଲ ଲଣ୍ଡନ ଜ୍ୟାସ ମଣ୍ଡିରୁ ଧାନ ନ ଉଠିବା କରଣ ଛଟନି ବର୍ଷଙ୍କୁ ଗତ ତିନି ମାସ ନ ମିଳିବା ଏହି ଭଳି ଅନେକ ସମସ୍ୟାକୁ ନେଇ ଏକ ପ୍ରସ୍ତୁତି ବୈଠକ ବିଜେଡି ଧର୍ମଗଡ଼ ବ୍ଲକ ସଭାପତି ଡାକେଶ୍ୱର ଲଢନଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ପୁଷ୍ପେନ୍ଦ୍ର ସିଂହ ଦେଓ, ଜିଲ୍ଲା ଉପ ସଭାପତି ଅତନୁ ସାହୁ, ଜିଲ୍ଲା ସମ୍ପାଦକ ବେଣୁ ଧର ନାଏକ, ଯୋନ-୧ ଜିଲ୍ଲା ପରିଷଦ ସଭ୍ୟ ଘୋଟାମାଧ ମହାନ୍ତ, ଯୋନ-୩ ଜିଲ୍ଲା ପରିଷଦ ପ୍ରଣବ କିଶୋର ରାଓସାର, ନାରୀ ନେତ୍ରୀ କଳ୍ୟାଣୀ ନାଏକ, କାରନ୍ଦିନ୍ନର ମମତା ବାଗ, କୌଶଲ୍ୟା ନାଏକ, ପୁଷ୍ପାଞ୍ଜଳୀ ମହନ୍ତ, ଆଳନନ୍ଦାରି ଭବାନୀ ପଣ୍ଡା, ଅଜିତ୍ ସାହୁ, ଧନିଚ୍ର ପାତ୍ର, ଯୁବନେତା ଭବାନୀ ବଣିଆ, ସହ ଜିଲ୍ଲା ପ୍ରମୁଖ ଘୋଗଦାନ କରିଥିଲେ । ଧର୍ମଗଡ ମହିଳା ସଶକ୍ତୀକରଣ ମମତା ରାଣୀ ଘୋଷାଳ ଓ ଧର୍ମଗଡ ନଗର ସଭାନେତ୍ରୀ ସନ୍ତୋଷୀମୀ ନାଏକଙ୍କୁ ସମ୍ବର୍ଦ୍ଧନା କରିଥିଲେ ।

ଗ୍ୟାସ୍ ସିଲିଣ୍ଡର ଫାଟି ଜଳିଗଲେ ନାବାଳକ

ଭଞ୍ଜନଗର, ୦୨/୦୬ (ଆ.ପ୍ର) : ଗଂଜାମ ଜିଲ୍ଲା ସୋରଡ଼ା ଥାନା ଅନ୍ତର୍ଗତ ସାମନ୍ତରା ଗାର ଛକ ନିକଟରେ ଥିବା ତେଳତାଡି ବୋଳାନରେ ମଙ୍ଗଳବାର ଅପରାହ୍ନରେ ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିଯାଇଥିଲା । ଏହାପରେ ଗ୍ୟାସ୍ ସିଲିଣ୍ଡର ଫାଟି ଯିବାରୁ ଜଣେ ନାବାଳକଙ୍କର ମୃତ୍ୟୁ ହୋଇଛି । ମୃତ ନାବାଳକ ଜଣଙ୍କ ହେଲେ ବଡ଼ଗଡ ଥାନା ଗାଙ୍ଗପୁର ଗ୍ରାମର ବାଦଲ ମୂଢି (୧୩)। ସୂଚନା ଅନୁସାରେ ବାଦଲ ଅଜାଗରକୁ ଖରା ଝୁଟିରେ ବୁଲିବାକୁ ଆସିଥିଲେ । ସାମନ୍ତରାଘାଳ ଛକରେ ଥିବା ଅଜାଙ୍କ ତେଳତାଡି ବୋଳାନରେ ଥିବାବେଳେ ହଠାତ୍ ଗ୍ୟାସ ଲିକ୍ ହୋଇ ନିଆଁ ଲାଗିଯାଇଥିଲା । ଏହାପରେ ସିଲିଣ୍ଡର ଫାଟି ଯିବାରୁ ବାଦଲ ନିଆଁ ଭିତରୁ ବାହାରି ନପାରି ଜୀବନ୍ତ ଦଗ ହୋଇଯାଇଛନ୍ତି । ଘଟଣାସ୍ଥଳରେ ଗୋରଡା ଅଗ୍ନିଶମନବାହିନୀ ପହଂଚି ନିଆଁକୁ ଆୟତ କରିଛି ।

୪ଟି ବିଦ୍ୟୁତ ଖୁଂଟ ଭାଙ୍ଗି ବନ୍ଦ ହେଲା ବିଦ୍ୟୁତ ସରବରାହ

ଭୁବନ, ୦୨/୦୬ (ଆ.ପ୍ର) : ଭୁବନ ବ୍ଲକ ଅନ୍ତର୍ଗତ ଭୂଷର ପଂଚାୟତର ଅସୁରବନ୍ଧପାଟଣା ଗ୍ରାମରେ ଏକ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା ଘଟିଛି । ଯଦୁ ବେହେରା ନାମକ ଜଣେ ବ୍ୟକ୍ତିଙ୍କ ଘରେ ବୋରଓ୍ୱେଲ ଖୋଳା କାମ ସମାପ୍ତ କରି ଫେରୁଥିବା ବେଳେ ବୋରଓ୍ୱେଲ ମେସିନ ବହନ କରୁଥିବା ଗାଡ଼ିଟି ନିୟନ୍ତ୍ରଣ ହରାଇ ରାସ୍ତାକଡ଼ରେ ଥିବା ପ୍ରାୟ ୪ଟି ବିଦ୍ୟୁତ ଖୁଂଟକୁ ଧକ୍କା ଦେଇଥିଲା । ଫଳରେ ଖୁଂଟଗୁଡ଼ିକ ରାସ୍ତାରେ ପଡ଼ିଥିବାରୁ ସହ ସମ୍ପୂର୍ଣ୍ଣ ଅଂଚଳରେ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଛି । ଘଟଣା ପରଠାରୁ ଗ୍ରାମବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟୁତ ବିଚ୍ଛିନ୍ନ ହେବା ଫଳରେ ଅନେକ ଘରୋଇ ବୈଦ୍ୟୁତିକ ସାମଗ୍ରୀ ଯଥା ଫ୍ରିଜ, ଟିଭି, ପଂଖା, ମୋଟର ଓ ଅନ୍ୟାନ୍ୟ ଉପକରଣ ପୋଡ଼ି ଯାଇଥିବା ଅଭିଯୋଗ ହୋଇଛି । ଏହାଦ୍ୱାରା ଲୋକମାନଙ୍କର ବହୁ ଆର୍ଥିକ କ୍ଷତି ହୋଇଥିବା ଜଣାପଡ଼ିଛି । ବର୍ତମାନ ଅଂଚଳରେ ପ୍ରାୟ ୪୫ ଡିଗ୍ରୀ ସେଲସିଅସ ତାପମାତ୍ରା ରହିଥିବା ବେଳେ ବିଦ୍ୟୁତ ସରବରାହ ବନ୍ଦ ରହିବାରୁ ଗ୍ରାମବାସୀ ଅସହ୍ୟ ଗରମରେ ନାହିଁ ନାହିଁ ହୁଇରାଣ ହେଉଛନ୍ତି । ପାନୀୟ ଜଳ ଯୋଗାଣ, ମୋବାଇଲ ଚାର୍ଜିଂ, ପଂଖା ଓ ଅନ୍ୟାନ୍ୟ ଦୈନନ୍ଦିନ ସେବା ବ୍ୟାହତହୋଇଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ସ୍ଥାନୀୟ ଲୋକେ ଭୂତନ୍ତ କ୍ଷତିଗ୍ରସ୍ତ ବିଦ୍ୟୁତ ଖୁଂଟ ଓ ତାର ମରାମତି କରି ବିଦ୍ୟୁତ ସରବରାହ ସ୍ୱାଭାବିକ କରିବା ସହ କ୍ଷତିଗ୍ରସ୍ତ ପରିବାରମାନଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରଶାସନ ଓ ବିଦ୍ୟୁତ ବିଭାଗ ନିକଟରେ ଦାବି କରିଛନ୍ତି ।

ଆମ୍ବ ତୋଳୁ ତୋଳୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ

ଦେଓଗାଁ, ୦୨/୦୬ (ଆ.ପ୍ର) : କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ କେଶଦୂରା ପାନ ଅଂଚଳରେ ଆଜି ଜଣେ ବୟସ୍କ ବ୍ୟକ୍ତି ଅଭାବନୀୟ ଘଟଣାରେ ମୃତ୍ୟୁର ସାମ୍ନା କରିଛନ୍ତି । ତୋଟକୁ ଯାଇ ଏକ ଆଳବେଷର ଘରକୁ ଚଢ଼ିଥିଲେ । ଆମ୍ବ ତୋଳିବା ସମୟରେ ଆଳବେଷର ଭାଙ୍ଗି ଯାଇଥିଲା । ଫଳରେ ସେ ଘର ଭିତରେ ଗଳି ଯାଇଥିଲେ । ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ ବ୍ୟକ୍ତି ହେଲେ ଉଦାରୁ ସୁଡାର (୬୦)। ସୂଚନା ଅନୁସାରେ ଉଦାରୁ ସୁଡାର ଆଜି ଆମତୋଟାକୁ ଯାଇଥିଲେ । ସେଠାରେ ଥିବା ଏକ ପରିତ୍ୟକ୍ତ ଘର ଉପରକୁ ଚଢ଼ିଥିଲେ । ଆଳବେଷର ଛାଉଣୀ ଥିବା ଘର ଉପରେ ଚଢ଼ି ଆମ୍ବ ତୋଳୁଥିଲେ । ଭାଗ୍ୟର ବିଡ଼ମ୍ବନା ବଡ଼ ବିଚିତ୍ର । ଆଳବେଷର ଭାଙ୍ଗି ଯାଇଥିଲା । ସେ ଉଙ୍ଗା ଘର ଭିତରେ ପଡ଼ିବା ସହ ଚିତ୍କାର କରିଥିଲେ । ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିଲେ । ଗର ଟି ଚାଲା ପଡ଼ିଥିବାରୁ ପ୍ରାୟ ଏକ ଘଂଟା କାଳ ସେହି ଭିତରେ ରହିଯାଇଥିଲେ । ଚାଲା ଭାଙ୍ଗି ତାଙ୍କୁ ସ୍ଥାନୀୟ ଲୋକଙ୍କ ସହ ପରିବାର ଲୋକେ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେଷ୍ଟ ଏହି ଅଭାବନୀୟ ଘଟଣା ନେଇ ସ୍ଥାନୀୟ ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

ଗତ ଆର୍ଥିକ ବର୍ଷରେ ଡିଜିଟାଲ୍ ପଦକ୍ଷେପ ଏବଂ ପ୍ରକ୍ରିୟାଗତ ସଂସ୍କାର ସେଲ୍, ରାଉରକେଲା ଇସ୍ପାତ କାରଖାନାର ପ୍ରଭାବଶାଳୀ ଆର୍ଥିକ ପରିଚାଳନାକୁ ଚିହ୍ନିତ କରିଛି

ଦୈନିକ
ଆରମ୍ଭ
SEITHO ARAMBHA
ବୁଧବାର, ୩ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଆମ ପରମ୍ପରା

ଭାବ ଓ ବିଶ୍ୱାସର ପାଖୁଡ଼ା ମେଲି ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ୍ତା ରଖିବାର ଅମୋଘ ପନ୍ଥାଟିଏ ଭାଗବତ । ବର୍ତ୍ତମାନ ସମୟ ସଚ୍ଚାରୁପକ ଉପାଦାନର ସମାହାରର ଭାଗବତ । ଜୀବନର ଛନ୍ଦାଛନ୍ଦିରେ ମଧ୍ୟରେ ପଚୁତ ଜୀବନକୁ ପାଚବାରା ମାଧ୍ୟମ ହେଉଛି ଭାଗବତ । ଏମ୍ବୁଲି ଶାଳାରୁ ମୁର୍ମ୍ମୁଣ ଶେଷ ପାଖରେ ପଡାଯାଏ ଏହି ଭାଗବତ । ପ୍ରତି ହୃଦୟର ପ୍ରାଣକେନ୍ଦ୍ର ହେଉଛି ଭାଗବତ । ପ୍ରତି ହୃଦୟରେ ଭାଗବତ ପାଇଁ ଅଛି ଆଦର ଓ ସମ୍ମାନ । ଏହାର ମନ୍ଦରୁ ଶ୍ରେଷ୍ଠତ୍ୱ । ଚତୁର୍ଦଶ ଶତାବ୍ଦୀରେ ଡାକପତ୍ର ପେଠିରେ ଅତିବଡ଼ୀ ଜଗନ୍ନାଥ ଦାଶଙ୍କ ଦ୍ୱାରା ଓଡିଆ ଭାଷାରେ ପ୍ରଥମ ଥର ପାଇଁ ଭାଗବତ ଲିଖିତ ହୋଇଥିଲା । ଆଧ୍ୟାତ୍ମିକ ଜାଗରଣର ପ୍ରାଣକେନ୍ଦ୍ର ଭାଗବତ । ଓଡିଆ ଭାଗବତର ରଚୟିତା ଅତିବଡ଼ୀ ଜଗନ୍ନାଥ ଦାସ ସଂସ୍କୃତର ଅଗାଧ୍ୟ ଜ୍ଞାନ ଅର୍ଜନ କରିଥିଲେ । ବ୍ୟାସଦେବଙ୍କ ରଚିତ ସଂସ୍କୃତ ଭାଗବତକୁ ସେ ଓଡିଆରେ ଅତି ସରଳଦାର ସହ ବୁଝାଇ ପାରୁଥିଲେ । ତେବେ ସଂସ୍କୃତରେ ରଚିତ ହେତୁ ଓଡିଆ ଭାଷା ଭାଷାଙ୍କ ମଧ୍ୟରେ ଆଦୃତ ହୋଇ ପାରୁ ନଥିଲା । ଦିନେ ଜଗନ୍ନାଥ ଦାସଙ୍କ ମା ଓଡିଆ ଭାଷାରେ ଭାଗବତ ଶୁଣିବା ପାଇଁ ପୁଅକୁ କହିଲେ, ତେବେ ବାର୍ଦ୍ଧକ୍ୟ ମା, ର ଆଶା ପୂରଣ ହେତୁ ସେ ପଦ୍ୟାନୁବାଦ ଶୁଣାଇବାକୁ ଲାଗିଲେ, ତହିଁରୁ ସୃଷ୍ଟି ଏହି ମହାନ ଗ୍ରନ୍ଥ । ଗୋସ୍ୱାମୀ ଦତ ଗଣେଶଙ୍କ ନିକଟରେ ବସି ନବାକ୍ଷର ବୃତ୍ତିରେ ସଂସ୍କୃତ ଭାଗବତକୁ ସେ ଓଡିଆ ଭାଷାରେ ରଚନା କରିଥିଲା । ପରେ ଏହା ସମସ୍ତ ଓଡିଆଙ୍କ ପ୍ରାଣକେନ୍ଦ୍ର ହୋଇପାରିଥିଲା । ଓଡିଆ ଭାଷାରେ ରଚିତ ହୋଇଥିବାରୁ ଏହା ସର୍ବତ୍ରାରେ ଆଦୃତ ଲାଭ କରିଥିଲା । ଭାଗବତ ପୁଣ୍ଣିମା ଠାରୁ ଜଗନ୍ନାଥ ଦାସ ଏହି ମହାନ ଗ୍ରନ୍ଥ ଲେଖିବା ଆରମ୍ଭ କରିଥିଲେ, ସେଦେବୁ ଏହି ଦିନ ଭାଗବତ ଜନ୍ମ ରୂପେ ପାଳନ କରାଯାଉଛି । ମାନବ ସମାଜ ପ୍ରତି ଏହାର ଅବଦାନ ଯଥେଷ୍ଟ । ଆମ କର୍ମମୟ ଜୀବନରେ ଏହାର ମହନୀୟତା ଅଛି । ସେଥିପାଇଁ ଭାଗବତକୁ ସମାଜିକ ଜୀବନଧାରାର ଅନ୍ତର୍ଭୁକ୍ତ କରିବା ଉଚିତ୍ୟାରେ ଆବହମାନ କାଳରୁ ପ୍ରତି ସ୍ଥାନରେ ଭାଗବତ ଗୁଞ୍ଜା ଅଛା । ପଲ୍ଲୀ ଜୀବନର ପ୍ରାଣକେନ୍ଦ୍ର ଥିଲା ଓଡିଆ ଭାଗବତ । ପ୍ରତି ଗ୍ରାମରେ ଭାଗବତ ଗାଠାକୁ ବିଧିବତ ପୂଜା କରା ଯାଉଥିଲା । ଜୀବନକୁ ସୁରୀତରୂପେ ପ୍ରତିପାଦିତ କରିବାରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ସମାଜରେ ଶୃଙ୍ଖଳା ବଜାୟ ରଖିବା ସହ ଲୋକ ଚରିତ୍ରକୁ ଏହା ଦିବାଦର୍ଶନ ଦେଉଥିଲା । ସନ୍ଧ୍ୟା ହେଲା ମାତ୍ରେ ଭାଗବତ ତୁଙ୍ଗି ପାଖରେ ଜମୁଥିଲା ଲୋକଙ୍କ ଆଖାରା । ଜଟିଷାତ ପିତାଙ୍କ ପାଇଁ ଏହା ଅମୃତ ସଦୃଶ ଥିଲା । ଆମ ପରମ୍ପରା ସଂସ୍କୃତିକୁ ଦେଉଥିଲା ଦିବାଦର୍ଶନ । ଆବହମଣ୍ଡଳବଦିତାକୁ ଏହା ଏକ ସୂତ୍ରରେ ବାନ୍ଧୀ ରଖିଥିଲା । ଜାତି, ବର୍ଣ୍ଣ ନିର୍ବିଶେଷରେ ଏହା ସମ୍ପ୍ରଦାୟ ଏକ ଡୋରାରେ ବାନ୍ଧି ରଖିଥିଲା । ଝାଂଜ, ଝଂଜଣା ଆଦିର ଧ୍ୱନିରେ ଏହା ସମସ୍ତଙ୍କୁ ଏକତ୍ରିତ କରିପାରୁଥିଲା । ସାମାଜିକ ଜୀବନର ନୈତିକତା, ମୂଲ୍ୟବୋଧ ଜୀବନ ଯାପନର ଗୁରୁମନ୍ତ୍ର ଏହି ଭାଗବତ ତୁଙ୍ଗୀରୁ ଶିଖିବାକୁ ମିଳୁଥିଲା ।

ବଜୁଛି ତାତି, ଛାଇ ଉଭାନ !!

॥ ସତ୍ୟ ମହାପାତ୍ର ॥

କଟକ ମଧ୍ୟପାଡାଣା ମାଛ ମାର୍କେଟରେ ବଣ୍ଟ ଘଂଟା ନିଆଁ ସ୍ଥାନୀୟ ଚତୁର୍ଦ୍ଦିଗକୁ ଏକ ପ୍ରଳୟ କଳମୟ କଳକ ପରିବେଶ ଭିତରକୁ ଘଂଟା ଘଂଟା ଧରି ଠେଲି ଦେଲା । ବେଶୀ କ୍ଷତିଗ୍ରସ୍ତ ହେଲା ରିଜରୋଡ଼ର ଟ୍ରାଫିକ ବ୍ୟବସ୍ଥା । ବର୍ତ୍ତମାନର ସମୟକୁ ଦେଖୁଛୁ । ଆମେ ସମସ୍ତେ ଚାତି ଚତୁଥିବା ନେଇ ଉଦବେଗ ପ୍ରକାଶ କରୁଛେ । କିନ୍ତୁ ବାସ୍ତବିକତା ସମ୍ପୂର୍ଣ୍ଣ ଭିନ୍ନ । ବର୍ତ୍ତମାନର ଜଳବାୟୁ ପରିବେଶ ସମ୍ପୂର୍ଣ୍ଣ ବଦଳି ଯାଇଛି । ଆମେ ଏବେ ସଳାରୁ ଅଣ୍ଡା ପରିବେଶରି ପାଖରେ, ଲୁମଶ୍ଚ ଚାତି ଫଟାକ ବଢ଼ି ପାରବ ମୁଖୀ ଭାଲ ହୋଇଯାଉଛି, ଅପରାହ୍ନ ପର ସମୟକୁ କାଳବୈଶାଖୀର ତାଣ୍ଡବଲୀଳା କିଛି ସମୟ ପାଇଁ ବର୍ଷା କିମ୍ବୁ ପ୍ରଚଣ୍ଡ ପବନ ଭିତରେ ବହୁତ କ୍ଷୟକ୍ଷତି, ରାତିରେ କିମ୍ବୁ ଗୁଳୁଗୁଳି । ପାଛୋଟ ଦେଇକୁ ଯାହା ଟିକେ ପରିବେଶ ଅଣ୍ଡା ହେଉଛି । ସତରେ ପରିବେଶ ଏପରି କାହିଁକି ହେଉଛି ? ସହରର ଚାତି ଯେଉଁ ବଢୁଛି ଏହା ସହିତ ଅଂଶୁଘାତ ସମ୍ପର୍କାଳୁ ଅନେକ ନଜର ଅନ୍ଧାଳ କଲିଦେଉଛନ୍ତି । ଓଡ଼ିଶାରେ ଅଂଶୁଘାତ ସମ୍ପର୍କାଳ ଦେଖାଦେଲାଣି । ଜଳବାୟୁର ଆସ୍ଥାଭାବିକ ପରିବର୍ତ୍ତନ ସହିତ ଦୂରଦୃଷ୍ଟିହୀନ ବିକାଶ ଯୋଜନା ଏବଂ ସର୍ବୋପରି ଜନସାଧାରଣଙ୍କ ଅପରିଣାମଦର୍ଶୀ ଜୀବନ ଶୈଳୀ ଏଥିପାଇଁ ଅନେକାଂଶରେ ଦାୟୀ । ଆମେ ଭଲ ଭାବେ ଜାଣିଛେ ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ।

ପ୍ରାକୃତିକ ବିପର୍ଯ୍ୟୟ ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ପାଇଁ ବାଧକ ସାଜିଥାଏ ଏବଂ ଏହାର ସୁଦୂରପ୍ରସାରୀ କୁ ପ୍ରଭାବ ମଧ୍ୟ ରହିଛି । ଅତୀତରେ ଦେଶର ସୁପ୍ରିମକୋର୍ଟ ଏ ସମ୍ପର୍କରେ ସରକାରଙ୍କ ଠାରୁ ଉତ୍ତର ମାଗିଛନ୍ତି । ଜଳବାୟୁ ପରିବର୍ତ୍ତନ, ଅଂଶୁଘାତ ଓ ଲାରତର ପ୍ରସ୍ତୁତି ସମ୍ପର୍କରେ ସରକାର ସ୍ପଷ୍ଟ ଉତ୍ତର ଦେଇନାହିଁ । ଅଂଶୁଘାତ ଜନିତ ଅତଙ୍କର ପାଇଁ ସରକାରୀ କ୍ଷତି ପୂରଣ ରାଶି ରହିଛି । କେନ୍ଦ୍ର ସରକାର ବିପର୍ଯ୍ୟୟ ପ୍ରଶମନ (ଏଙ୍କ ବିପୋକ-୨୦୨୪ ପାରିତ କରିଛନ୍ତି) ଏ ଦେଶରେ ସରକାର କେନ୍ଦ୍ରୀକୃତ ବିପର୍ଯ୍ୟୟ ପ୍ରଶମନ ପାଇଁ ସ୍ୱତନ୍ତ୍ର କର୍ତ୍ତୃପକ୍ଷ ଗଠନ ବ୍ୟବସ୍ଥା ରହିଛି । ବିପର୍ଯ୍ୟୟ ପ୍ରଶମନ ଆଇନ ୨୦୦୫ ସ୍ଥାନରେ ପ୍ରଣୀତ ହୋଇଥିବା ଏହି ନୂଆ ଆଇନରେ ପାଣି ପରିଚାଳନା ଓ କ୍ଷତି ପୂରଣ ଭଳି କେତେକ ସମବେଦନଶୀଳ ପ୍ରସଙ୍ଗର ଦେଖାଦେଇଛି ଅଧିକାଂଶ ଦାବୀ । ପ୍ରତିବର୍ଷ ଦେଶର ବିଭିନ୍ନ ରାଜ୍ୟ ସମସ୍ୟା ସମାଧାନରେ ସହାୟକ ନିଶ୍ଚିନ୍ତ ହେବ । ନୂଆ ଆଇନରେ ଏଥିର ସହଯୋଗ ଆଧାରିତ ବ୍ୟବସ୍ଥା ରହିଛି । ପ୍ରତି ଶ୍ରୀଷ୍ମଋତୁରେ ନିର୍ଦ୍ଦିଷ୍ଟ ସମୟରେ ବାଲାଇକୁ ନ ଯିବା, ଶ୍ରମିକମାନଙ୍କ ପାଇଁ ନିର୍ମାଣ କାର୍ଯ୍ୟର ସମୟ ନିର୍ଦ୍ଦିଷ୍ଟ ମଧ୍ୟ ରହିଛି । କିମ୍ବୁ କେତେକ କ୍ଷେତ୍ରରେ କଟକଣା ଚଳୁଛେ ଦେଖିଛି ।

ଏସବୁ ଉତ୍ତର ଆମକୁ ଆଉ କେଉଁଠି ଖୋଜିବା ପାଇଁ ପଡ଼ିବ ନାହିଁ, ଯେଉଁପରି ଜଂଙ୍ଗଲ ଜଙ୍ଗଲ ବିକ୍ରୀର କରୁଛେ ସେ ତୁଳନାରେ ଗଛ ଲାଗୁନି, ବୃକ୍ଷରୋପଣ ହେଲେ ବି ଅନେକ କ୍ଷେତ୍ରରେ ଏହାର ଯତ୍ନ ନିଆଯାଇ ପାରୁନାହିଁ । ଓଡ଼ିଶାର ସହର ଗୁଡ଼ିକ ଦିନକୁ ଦିନ ଉତ୍ତପ୍ତ ହୋଇ ଚାଲିଛି । ଏହାର କାରଣ ହେଉଛି ସହରୀକରଣ ଯୋଜନାରେ ପ୍ରଶସ୍ତ ରାସ୍ତା ହେଉଥିଲେ ମଧ୍ୟ ବର୍ତ୍ତମାନ ପ୍ରଳାଦର ମୂଲ୍ୟ କଥା କେହି ଚିନ୍ତା କରୁନାହାଁନ୍ତି । ସହରର ଅନେକ ଜଳାଶୟ ସୁରକ୍ଷିତ ନୁହେଁ ଏବଂ ଆର୍ଦ୍ରଭୂମିକୁ ଚାପ ସୁରକ୍ଷା ସହର ଆଉ ପାଇ ନାହିଁ । ଦିନଥିଲା ଏହି ସହର ଭିତରେ ଅନେକ ଗଛ ସବୁ ରହୁଥିଲା । ଯାହାର ଛାଲ ଗୁଡ଼ିକ ପର୍ଯ୍ୟାପ୍ତ ଅମ୍ଳଜାନ ଦେବା ସହିତ ବିଷୁକ୍ତ ଅଣ୍ଡା ପରିବେଶରେ ହେଉଛେ ସୁବିଜିମା ଭରି ଦେଉଥିଲେ । ବର୍ତ୍ତମାନ ସେ ସବୁ ଆଉ ନାହିଁ । ଅନେକ ଜାଗାରେ ବିକାଶ ନିମିତ ଗଛ କାଟିବା ପାଇଁ ପଡ଼ିଥାଏ କିମ୍ବୁ ତାହା ତୁଳନାରେ ଏହାର ପରିପୂରଣ ନିମିତ ବୃକ୍ଷରୋପଣ ହୋଇ ଏହାର ଯତ୍ନ ନିଆଯାଉ । କହିବାକୁଗଲେ ଆମେ ଏହି ଚାପମାନ ବଢ଼ାଇବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବାର ସମୟ ପହଞ୍ଚିଛି ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ଦୂରଭାଷ : ୯୬୪୮୧୦୫୫୩୨

ମହେନ୍ଦ୍ର ମେଳା ଏକ ଧାର୍ମିକ ଆସ୍ଥା

॥ ଶ୍ରୀ ଆର୍ତତ୍ରାଣ ଚଇନି ॥

ମହେନ୍ଦ୍ରଗିରି ଓଡ଼ିଶାର ଐତିହ୍ୟ, ପୁରାଣ, ସଂସ୍କୃତି ଓ ପ୍ରକୃତିର ଏକ ସଜୀବ ପ୍ରତୀକ । ଏହାର ପୌରାଣିକ କଥାବସ୍ତୁ ଓ ପ୍ରାକୃତିକ ପରିବେଶର ଶୋଭା ଏବଂ ଧାର୍ମିକ ଚିନ୍ତାଧାରା ସମସ୍ତଙ୍କୁ ଆକର୍ଷିତ କରେ । ପୁରାଣପ୍ରସିଦ୍ଧ ସମ୍ପୂର୍ଣ୍ଣ ସୌନ୍ଦର୍ଯ୍ୟର ଗନ୍ତବ୍ୟସ୍ଥଳ ଗାରତର ପବିତ୍ର ସମ୍ପ୍ରଦାୟ ଯଥା:- ମହର, ସହ୍ୟ, ଶକ୍ତିମାନ ଋକ୍ଷ, ବିନ୍ଧ୍ୟ, ପାରିଜାତ ଓ ମହେନ୍ଦ୍ର ମଧ୍ୟରୁ ଶ୍ରେଷ୍ଠ ମହେନ୍ଦ୍ରଗିରି । ଅମରଲଥ୍ ପର୍ଶୁରାମଙ୍କ ସାଧନାର ପୀଠ,ସମ୍ମଗ୍ର ପୃଥିବୀର ସାଧକ, ମୁନି ଓ ଋଷି ମାନଙ୍କର ତପଭୂମି ମହେନ୍ଦ୍ରଗିରି । ଏହା ବିଷୟରେ ରାମାୟଣ, ମହାଭାରତ, ବିଷ୍ଣୁପୁରାଣ, ମାର୍କଣ୍ଡେୟ ପୁରାଣ, ବାୟୁ ପୁରାଣ ଓ ସ୍କନ୍ଦପୁରାଣ ପ୍ରଭୃତି ଧର୍ମଶାସ୍ତ୍ରରେ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି । ପୌରାଣିକ ତଥ୍ୟାନୁସାରେ ଚାରିଯୁଗର ଲାଳ ବିଚାରାଳନ ଦେଖିଲେ ଯୁଗଯୁଗ ବ୍ୟାପି ମହେନ୍ଦ୍ରଗିରିର ସୃଷ୍ଟି ରହସ୍ୟମୟ ହୋଇରହିଛି । ପୁରାଣ କଥାକୁ ଆମେ ଯଦି ଉନ୍ମେଷ କରିବା ତେବେ ଜଣାଯିବ ଯେ,ମହେନ୍ଦ୍ର ଭୂମି କର୍ମଚାର, କ୍ଷେତ୍ରୀୟ ବିଧିଂସା ପର୍ଶୁରାମଙ୍କ ଲାଳାକ୍ଷେତ୍ର ଥିଲା । ଯାହାର ପ୍ରମାଣ ସ୍ୱରୂପ ପର୍ଶୁରାମ କୁଣ୍ଡ ମହେନ୍ଦ୍ରରେ ଆଜି ବିଦ୍ୟମାନ । ପ୍ରଭୁ ଶ୍ରୀରାମଙ୍କୁ ନିଜର ବଳ ଓ କଳା ଆଦି ସମର୍ପଣ କରି ପ୍ରଭୁ ପର୍ଶୁରାମ ବିଷ୍ଣୁଜୀବୀ ହୋଇ ଅବ୍ୟାବଧ୍ୟ ମହେନ୍ଦ୍ର ପର୍ବତରେ ବିଚରଣ କରୁଛନ୍ତି । ନିଶା ରାତ୍ରିରେ ଏହାର କ୍ରନ୍ଦନ ପ୍ରମାଣ ସ୍ୱରୂପ ଜାଳୁପାର ଶବ୍ଦ ଶୁଣାଯାଏ । ରାମାୟଣର ଲଥାବସ୍ତୁରୁ ଅବଲୋକନ କଲେ ଶ୍ରୀରାମଙ୍କ ଭକ୍ତ ମହାବୀର ହନୁମାନ ମଧ୍ୟ ମାତା ସୀତାଙ୍କୁ ଠାବ ନିମନ୍ତେ ଦକ୍ଷବଳ ସହ ମହେନ୍ଦ୍ର ପୀଠରେ କିଛିକାଳ ପାଇଁ ଅବସ୍ଥାନ କରିଥିଲେ । ସେଠାରେ ସେମାନେ ଦେବଦେବ ମହାଦେବଙ୍କୁ ଲଣ୍ଡଳଣ କରି ପୂଜା କରୁଥିଲେ । ବର୍ତ୍ତମାନ ସେମାନଙ୍କ ନାମାନୁସାରେ କୁନ୍ତୀ, ଯୁଧିଷ୍ଠିର,ଭୀମ ଓ କବୁଳ ନାମରେ ପ୍ରାଚୀନ ମନ୍ଦିର ଦେଖିବାକୁ ମିଳେ । ଏହାବ୍ୟତୀତ ଅର୍ଜୁନ ଗୁମ୍ଫା ଓ ସହଦେବଙ୍କ ତପସ୍ଥଳୀ ଦେଖିବାକୁ ମିଳେ । ପାଣ୍ଡବ ମାନେ ମହେନ୍ଦ୍ରରେ ଶିବ ଆରାଧନା ସହିତ ସଂସାର ହିତ ସାଧନ ଯଜ୍ଞ କରାଇଥିଲେ ଏବଂ ସେହି ଯଜ୍ଞକୁ ସମସ୍ତ ଦେବାଦେବୀ ମାନେ ଆସିଥିବାର ପ୍ରମାଣ ପୁରାଣରୁ ଜଣାଯାଏ । ଉକ୍ତ ସମୟରେ ଦେବତା ମାନଙ୍କର ସୁଧର୍ମା ସଭା ମଧ୍ୟ ମହେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାମଣ୍ଡପ ମଧ୍ୟ ମହେନ୍ଦ୍ରରେ ଅର୍ଜୁନ ଗୁମ୍ଫା ନିକରେ ଦେଖିବାକୁ ମିଳେ । ମହେନ୍ଦ୍ରଗିରିର ମନ୍ଦିର ଗୁଡ଼ିକର ସ୍ଥାପତ୍ୟ ଶୈଳୀ କଳିଙ୍গ ଶୈଳୀର ଅନନ୍ୟ ଦୃଷ୍ଟାନ୍ତ । ପ୍ରତିବର୍ଷ ମନ୍ମଥିତରାତ୍ରିର ପୂର୍ବରାତ୍ରୀ ଏବଂ ଶିବରାତ୍ରି ଦିନ ଲକ୍ଷାଧିକ ଭକ୍ତଙ୍କ ସମାବେଶରେ ଜାଗର ଯାତ୍ରା ପାଳିତ ହୋଇଥାଏ ।

ମହେନ୍ଦ୍ରଗିରି ପ୍ରକୃତିର ଏକ ଅପୂର୍ବ ସମ୍ଭାର । ଏଠାକାର ସବୁଜ ଜଂଗଲ,ବନୌଷଧି ତୃଷ୍ଣ ସମୂହ, ଝରଣା ଓ ପୁଷ୍ପଫୋଟୋ ପୁରାଣପ୍ରସିଦ୍ଧ ମହେନ୍ଦ୍ରତନୟା ନଦୀର ଉତ୍ପତ୍ତି ସ୍ଥଳ । ମହେନ୍ଦ୍ରର ଶୀତଳ ପରିବେଶ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରେ । ନୀଳ ମେଘମାଳା ପ୍ରାକୃତିକ ସୌନ୍ଦର୍ଯ୍ୟ ଭିତରେ ପର୍ଯ୍ୟଟକ ମାନେ ପ୍ରତ୍ୟହ ଛଅଟି ଋତୁର ଅନୁଭବ କରିଥାନ୍ତି ।ମହେନ୍ଦ୍ର ଶିଖର ବୃତ୍ତରେ ଦଣ୍ଡାୟମାନ ହୋଇ ସୂର୍ଯ୍ୟୋଦୟର ମନୋରମ ଦୃଶ୍ୟକୁ ଯିଏ ଉପଭୋଗ କରେ, ସାରା ଜୀବନ ପ୍ରକୃତିର ସେହି ସୌନ୍ଦର୍ଯ୍ୟକୁ ଭୁଲି ପାରେନାହିଁ । ପୁରାଣର କଥାବସ୍ତୁକୁ ନେଇ ବର୍ତ୍ତମାନ ଶ୍ରୀ ଶ୍ରୀ ପୁରୁଷୋତମ ମାସରେ ପବିତ୍ର ଦାର୍ଥ ସ୍ଥାନ ମହେନ୍ଦ୍ରଗିରି ଠାରେ ଯଜ୍ଞ,ତପ, ସାଧନା ଓ ସ୍ନାନର ମେଳା ଜୁନ୍ ୧ ତାରିଖ ଠାରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିଛି ।ଉକ୍ତ ଧାର୍ମିକ କାର୍ଯ୍ୟକ୍ରମରେ ଭାରତର ସମସ୍ତ ପ୍ରାନ୍ତରରୁ ବହୁ ସାଧୁ,ସନ୍ଥ ଓ ମୁନିଗଣଙ୍କ ମାନେ ଯୋଗଦାନ କରି ଏହି ପବିତ୍ର ସ୍ଥଳର ଧାର୍ମିକ ଭାବନାକୁ ଉଜ୍ଜୀବିତ କରିଛନ୍ତି । ମହେନ୍ଦ୍ରଗିରିର ଆଧ୍ୟାତ୍ମିକ ଜ୍ଞାନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଏହା ଓଡିଆ ଜାତିର ଗୌରବ ଓ ଐତିହ୍ୟର ପ୍ରତୀକ । ଏଙ୍କର ବିକାଶ ଓ ପ୍ରଗତି ଆମର ଏକାନ୍ତ କାମ୍ୟ ।

ଅଧ୍ୟାପକ ଓଡିଆ ବିଭାଗ
ଉପଲବ୍ଧି, ଜାଜପୁର
ମୋ:୮୬୪୮୧୫୬୧୩୬

'ମନୋଯୋଗ'ର ସଙ୍କଟ ଛୋଟ ଭିଡ଼ିଓ ଯୁଗରେ ହଜି ଯାଉଛି ଗଭୀର ଚିନ୍ତନ

॥ ମନସିଜ୍ ଦାସ ॥

ଆମେ, ଆମ ସହିତ ଯଦି କିଏ ଦୁତ ଭାବରେ ଆଚରଣ ହେଉଛି ସେ ହେଉଛି 'ମନ' । କହିବାକୁଗଲେ ସେଉଁ ବସ୍ତୁଟି ଆମ ମାନଙ୍କୁ ଗୋଟିଏ ଅଲଗା ପୃଥକ୍ତା ଠାରୁ ଭିନ୍ନ କରିଦେଉଛି ତାହା ହେଉଛି ଏ ମନ । ଏହା ଦୃଷ୍ଟିଗୋଚର ହୋଇନଥାଏ କିମ୍ବା ଏହା ସ୍ପର୍ଶବସ୍ତୁ ନୁହେଁ । ବର୍ତ୍ତମାନ ସମୟକୁ ଚିନ୍ତିବ ଦେଖୁଛୁ । ବର୍ତ୍ତମାନର ସମୟରେ ଆମେ ଟଙ୍କା ଠାରୁ ଯଦି ଅଧିକ ଗୁରୁତ୍ୱ କାହାକୁ ଦେଉଛୁ ତାହା ହେଉଛି - 'ମନ ଯୋଗ' । ଶାସ୍ତ୍ରରେ ଉଲ୍ଲେଖ ରହିଛି ମାନବ, ବୁଦ୍ଧି, ଚିତ୍ ଓ ଅହଂକାର ଏଗୁଡ଼ିକ କେବଳ ମାନବ ବିଭିନ୍ନ କାର୍ଯ୍ୟ ରୂପ । କିନ୍ତୁ ଏ ସବୁ ପଛରେ ଆମ ମନ, ଆମ ସମୟ, ଆମ ଏକାଗ୍ରତା ଏବେ ସବୁକିଛି ବଜାରର ସାମଗ୍ରୀ ହୋଇ ଯାଇଛି ।

ସଚ୍ଚାକ ହେଲେ, ନିଦ ରାତିରେ ମାଡ଼ୁଳେ ଛାଡ଼ିଦି ଚାଲିଯାଉଛି ମୋବାଇଲରୁ । ମୋବାଇଲରେ କିଏ ହ୍ୱାଟସ ଆପ୍ କ'ଣ ପଠାଇଛି ? ଫେସବୁକରେ କିଏ ସବୁ ନୂଆ ପୋଷ୍ଟ ଅପଲୋଡ୍ କରିଛନ୍ତି, ଇନଷ୍ଟାଗ୍ରାମରେ କେଉଁ ଛୋଟ ଭିଡ଼ିଓ ଭଲ ଟ୍ରେଣ୍ଡିଂରେ ଚାଲିଛି ସେ ସବୁ ଦେଖିବା ପରେ ହିଁ ଆମର ଦିନ ଆରମ୍ଭ ହେଉଛି । ଆପଣ ସବୁ ଅବଗତ, ଯୁଆଢ଼େ ବି ସୁରି ଆସନ୍ତୁ ପ୍ରଥମେ ଚିନ୍ତା - 'ଫଟୋ ବେଳି କି ?' ଘରେ କାହାର ଜନ୍ମଦିନ ହେଉ ବା କୌଣସି ସେଲିବ୍ରେସନ୍, କେହ ଲଟା ଠାରୁ ସ୍ୱାଗତ କାର୍ଯ୍ୟକ୍ରମ ସବୁଥିରେ ଆଗ ମୋବାଇଲ ହିଁ ଖୋଜା ପଡୁଛି । ବର୍ଷା ପଡ଼ିଲେ ମନରେ ଆଉ କବିତା ଆସୁନି । ଆସୁଛି ଛବି ସହିତ ବୁଢିଟି ଶବ୍ଦ । ବର୍ତ୍ତମାନ ଆମେ ଏପରି ଏକ ଦୁନିଆରେ ଜୀବନ କାଟୁଛି ଯେଉଁଠି ଅନୁଭବ କରିବା ଠାରୁ ଅଧିକ 'ଦେଖାଇବାରେ ବ୍ୟସ୍ତ ହୋଇପଡ଼ିଛୁ' । ଦିନଥିଲା ଲୋକେ ଘଂଟା ଘଂଟା ଧରି ବହି ପଢ଼ି ସବୁ ପଢୁଥିଲେ । ବହି, ପୋଥି ଏପରିକି ଡାକପତ୍ର ଲେଖନୀକୁ ଲୋକେ ଖୋଜିବା ପାଇଁ ଅନେକ ସମୟ ଦେଉଥିଲେ । ଏବେ ଏକ ମିନିଟର କିମ୍ବା ତିନି ମିନିଟର ଭିଡ଼ିଓ ମଧ୍ୟ ଲମ୍ବା ଲାଗୁଛି । ଗୋଟିଏ ଲମ୍ବା ଦେଖିଲା ବେଳକୁ ଆମ ଅଙ୍ଗୁଠି ଆପେ ଆପେ ତଳକୁ ଚାଲିଯାଉଛି । ସତେ ଯେପରି ମନେ ହେଉଛି ଆମ ମସ୍ତିଷ୍କ ଯୋର୍ଯ୍ୟ ହରାଇ ଦେଲାଣି ।

କୃତ୍ରିମ ବୁଦ୍ଧିମତା ଆସିବା ପରେ ଏହିସବୁ ଅଭ୍ୟାସ ବଢ଼ିଛି । ଆମେ ଆଉ ଶବ୍ଦର ପଚୁ ନାହିଁ, କେବଳ କାଳ୍ପନ ଛୋଟ ଛୋଟ ସାଙ୍ଗୀଣ ଯାହା ପଢୁଛୁ । ଆମେ ଆଉ ପୂର୍ବପରି ଖୋଜ ଖବର କିଛି କରୁନୁ, ପୂର୍ବ ପ୍ରସ୍ତୁତ ତିଆରି ଉତର ନେଉଛୁ । ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ ସୁବିଧା ଆମକୁ ସ୍ମାର୍ଟ କରିଦେଇଛି, ଶୀଘ୍ର କରିଛି କିନ୍ତୁ ଗଭୀର ଅନୁଭୂତି ଦେଇନାହିଁ । ଏଇଠି ଛୋଟିଆ ପ୍ରଶ୍ନରେ ଉଠୁଛି ଯଦି ଆଜିର ପିଢ଼ାମାନେ ଛୋଟ ରାସ୍ତାରେ, ଅଜ୍ଞ ପରିଶ୍ରମରେ, ହାତ ପାଖାରାରେ ସବୁକିଛି ପାଇପାରେ ତେବେ ସେମାନେ କଷ୍ଟ, ଅବାଧ୍ୟ, ଅଧିବସାୟ କେବେ ଶିଖା ଲାଭ କରିବେ ? ଯଦି ଗୋଟିଏ ବଟନ୍ ଦବାଲେଇ, ଟିକ ମାରିଲେ ତତ୍କାଳ ଉତର ମିଳି ଯାଉଛି ତେବେ ଖୋଜିବାର ଆଗ୍ରହ କେମିତି ଆଉ ବଢ଼ିବ ନା ସୃଷ୍ଟି ହେବ ? ଯଦି ସବୁକିଛି ସହଜ ମିଳିଯାଏ ତେବେ ଧୈର୍ଯ୍ୟ, ପରିଶ୍ରମ ଓ ଏକାଗ୍ରତା ଆଉ ସମ୍ଭାବନା ହିଁ ସୃଷ୍ଟି କରିବନାହିଁ ।

ଜୀବନର ବଡ଼ ସମ୍ପଦତା ସବୁଦେଇକେ ଧୀରେ ଧୀରେ ଗଢ଼ି ଉଠେ । ଏହି କେମିତି ଆଜେ ଆଜି ଯାତ୍ରାକୁ ପ୍ରକାଶକାୟ ଗଳ୍ପଟି ବୋଲି କହୁଛୁ ଏହା କ'ଣ ଗୋଟିଏ ଦିନରେ ବଡ଼ ହୋଇଥାଏ ? ସେହିପରି ପୁସ୍ତକ ମଧ୍ୟ ଗୋଟିଏ ପୃଷ୍ଠାରେ ଶେଷ ହୋଇନଥାଏ । ସେହିପରି ଆମେମାନେ ଛୋଟ ଛୋଟ ଭିଡ଼ିଓ ଦେଖି ଜୀବରେ ଅଧିକ ମୋବାଇଲ ହେଉ ବା ଏଆଇ ବ୍ୟବସ୍ଥା ଏ ସବୁକୁ ନେଇ ସରରେ କ'ଣ ଆମେ ଚାଲି ପାରିବା । ବର୍ତ୍ତମାନ ବଡ଼ ବଡ଼ ନାମୀ ଦାମୀ ଜଣାମାନୀମାନେ ଆମ ଟଙ୍କା ପାଇଁ ଲୁଚେଁ ଆମ 'ମନୋଯୋଗ' ପାଇଁ ଲୁଚୁଛନ୍ତି । ସେମାନ

ଗୋପାଳଙ୍କୁ ଆଣ୍ଡେଇବା ଘଟଣା ଅଭିଯୁକ୍ତକୁ ଗିରଫ ଦାବିରେ ମଶାଲ ଶୋଭାଯାତ୍ରା

ଚନ୍ଦାହାଣ୍ଡି, ୦୨/୦୬ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଅଂଚଳରେ ଗତ ୨୧ ତାରିଖ ଦିନ ଲୋଧୁଆପଡ଼ା ଠାରେ ରାଜଗଡ ଅଂଚଳର କିଛି ଗୋପାଳ ସମ୍ପ୍ରଦାୟର ଗୋପାଳ ଓ ଆଦିବାସୀ ଠାରେ ବଚିତ ରାଙ୍ଗୀୟ ଚାଷୀ ନିଜ ଜଳବଳୁ ନିଜ ଗାଁକୁ ନେଇଁ ଯାଉ ଥିବା ସମୟରେ ନିଗାହ ଚାଷୀଙ୍କ ଉପରେ ଗୋରକ୍ଷା ମାରେ ଚଢାଇଥିବ ବଜରଙ୍ଗ ଦଳର ସଭ୍ୟ ହୋଲାଉଥିବା ଗେରୁଆ ଝୁଣ୍ଡା ମାନେ ଅଳଥକିଆ ଅତ୍ୟାଚାର ପ୍ରସଙ୍ଗ ଥମିବାର ନାଁ ନେଉ ନାହିଁ । ଏହି ଘଟଣା ବୁଲ, ଜିଲ୍ଲା ଏବଂ ବର୍ତମାନ ରାଜ୍ୟ ପ୍ରସଙ୍ଗ ପାଲଟି ଥିବାବେଳେ ଆଜକୁ ଏଗାର ଦିନ ହେବ ପୋଲିସର ନିଷ୍କ୍ରିୟତା ପ୍ରସଙ୍ଗକୁ ଆହୁରି ଜଟିଳ ଆହୁକୁ ଟାଣି ନେଉଛି । ଏହି କ୍ରମରେ ବିତତ ଦିନରେ ଚନ୍ଦାହାଣ୍ଡି ଏସଟି,ଏସସି ଓ ପଛୁଆ ବର୍ଗ ଡରଫରୁ ଥାନା ଘେରାଉ କରି ଥିବା ବେଳେ କଂଗ୍ରେସ ଏବଂ ବିଜେଡିର ଏକ ପ୍ରତିନିଧି ଦଳ ଘଟଣା ସବିଶେଷ ଅନୁସନ୍ଧାନ କରିବା ସହ ଅଭିଯୁକ୍ତଙ୍କ ଗିରଫ ଦାବି କରିଥିବା ବେଳେ ଆଜି ପୁଣି ଚନ୍ଦାହାଣ୍ଡି ଅଂଚଳର ଏସଟି ଏସସି, ପଛୁଆ ବର୍ଗର ଶତାଧିକ ଯୁବକ ସ୍ଥାନୀୟ ଆମେଦକର ଚକ ଠାରୁ ଥାନା ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା କରି ଅଭିଯୁକ୍ତଙ୍କ ଗିରଫ ଦାବି କରିଥିଲେ । ଘଟଣା ଅତ୍ୟନ୍ତ ବର୍ବରତିତ ହୋଇଥିବା ବେଳେ ଏହି କାଣ୍ଡ କିଆଇ ଥିବା ଅସାମାଜିକ ଯୁବକ ମାନେ ମାନବିକତାର ଶେଷ ସୀମା ଟପି ଯାଇଛନ୍ତି । ନିରୀହ ଲୋକଙ୍କୁ ଓ ଅଳଥନିଆ ଅତ୍ୟାଚାର କରିବା ସହ ଆଣ୍ଠେଇ ଆଣ୍ଠେଇ ୪୪ ଡିଗ୍ରୀ ଖରାରେ ଚଲେଇବା ସହ ତାଙ୍କ ଗୁପ୍ତାଙ୍ଗରେ କଂଟା ଗୋଜିବା ଆଦି ଅମାନୁଷିକ କାର୍ଯ୍ୟ ସଭ୍ୟ ସମାଜରେ କଦାପି ଗ୍ରହଣୀୟ ନୁହଁ ବୋଲି ବିଶେଷ କରି ମାନେ କହିଥିଲେ । ଅନ୍ୟପକ୍ଷରେ ଘୋଷିସ କଂଗ୍ରେସ ପ୍ରତିନିଧି ଦଳକୁ ପାଂଚ ଦିନ ଏବଂ ବିଜେଡି ପ୍ରତିନିଧି ଦଳକୁ ସାତ ଦିନ ସମୟ ହେଇ ଦିନ ପରେ ଦିନ ଗଡେଇ ଚାଲିଥିବା ବେଳେ ସେପଟେ ଦୁଇ ଜଣ ଅଭିଯୁକ୍ତ ଅଗ୍ରିମ ଜାମିନ ନିମନ୍ତେ ଜଜ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା କଂଗ୍ରେସ ନେତା ଖେମରାଜ ବାଘ କହିବା ସହ ଖୁବ ଶୀଘ୍ର ଦଳଗତ ନିର୍ଦ୍ଦିଷ୍ଟକରେ ଜିଲ୍ଲା ଦଳ ଜାଜରା ଦିଆ ଯିବ ବୋଲି କହିଛନ୍ତି । ଏହି କାର୍ଯ୍ୟିକ୍ରମରେ ଖେମରାଜ ବାଘ, ଲକ୍ଷ୍ମମନ ମାଝୀ, ଭୀମସେନ ଢ଼ଙ୍ଗଡି, ରଜତ ଜରଥ, ଚକ୍ର ଚୌହାନ, ଏସ ଏମ ଇଦ୍ରୀସ, ଚନ୍ଦନ ଜମଥ,ପ୍ରମୁଖ ଉପସ୍ଥିତ ଥିଲେ ।

ଟେଟ୍ରା ହେଡ୍ରନ ଛାତ୍ରୀ ଅମ୍ରିତା ଭୂୟାଁଙ୍କ ସଫଳତା

ତାଙ୍ଗୀ ଚୌଦ୍ୱାର, ୦୨/ହେଡ୍ରନ କଲେଜରେ ପ୍ରକାଶିତ ଯୁକ୍ତ୨ ବିଜ୍ଞାନ ୯୧.୦୬ ପ୍ରତିଶତ ହୋଇଛନ୍ତି । ମୋଟ ୫୫୦ନମ୍ବର ରଖିଛନ୍ତି । ରୋଗୀସେବା କରିବା ୮ଘଂଟା ପରିଶ୍ରମ ସତ୍ତ୍ୱେ ଛାତ୍ରୀ ଅମ୍ରିତା ଭୂୟାଁ ୦୬ (ଆ.ପ୍ର) : ଟେଟ୍ରା ହେଡ୍ରନ ପରୀକ୍ଷା ରେ ନମ୍ବର ରଖି ଉତୀର୍ଣ୍ଣ ୬୦୦ ମାର୍କରୁ ସେ ଜଣେ ଚିକିତ୍ସକ ହୋଇ ଡାକ୍ତର ଲକ୍ଷ୍ୟ । ଦୈନିକ କରୁଥିଲା ବେଳେ ସଫଳତାର ଶ୍ରେୟ କଲେଜର ଅଧ୍ୟାପିକା, ଅଧ୍ୟାପକ ଓ ପରିବାରକୁ ଦେଇଛନ୍ତି । ଜଜଜ ଜିଲ୍ଲା ତାଙ୍ଗୀ ଥାନା ଅନ୍ତର୍ଗତ ଲୋଡସାହି ଫଂଚାୟତର ଲରେ କଣା ଗ୍ରାମର ଅମ୍ରିତାଙ୍କ ବାପା ଡକ୍ଟର ପ୍ରକାଶ କୁମାର ଭୂୟାଁ ଡାକ୍ତରୀ ବୃତ୍ତିରେ ଥିବାବେଳେ ମା ସ୍ୱୟଂସ୍ତରୀ ଜଣେ ଗୃହିଣୀ ।

ବଣାଇଁ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ ପକ୍ଷରୁ ନୂତନ ଡିଏଫଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ

ବଣାଇଁ, ୦୨/୦୬ (ଆ.ପ୍ର) : ଆଜି ବଣାଇଁ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ ତରଫରୁ ବଣାଇଁର ନୂତନ ଭାବେ ବନ ବିଭାଗର କାର୍ଯ୍ୟଭାର ଗ୍ରହଣ କରିଥିବା ଡିଏଫଓ ଯଶୋବନ୍ତ ସେଠୀଙ୍କୁ ସଂଘର ସମସ୍ତ ସଦସ୍ୟ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହିତ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ବନ ବିଭାଗ ଓ ଗଣଯୋଗାଯୋଗ ସବୁଜନ ରହିଲେ ବିଭାଗ ପକ୍ଷରୁ ଦିଆଯାଉଥିବା ସୁବିଧା ସୁଯୋଗ ସାଧାରଣ ଲୋକେ ନିର୍ଦ୍ଦିଷ୍ଟ ଭାବେ ଏହାର ଉପଯୁକ୍ତ ଫାଇଦା ଉଠାଇପାରିବେ । ଏଦା ସହ ଶ୍ରୀ ସେଠୀ ବିକଶିତ ବଣାଇଁ ନିର୍ମାଣ ଲାଗି ସାର୍ବଜନୀନ ଭାବେ ବନ ବିଭାଗ ସବୁବେଳେ ତତ୍ପର ରହିବ ବୋଲି ଆଶ୍ୱାସନା ଦେଇଥିଲେ । ତା ସହିତ ପରିବେଶ, ଖଣି ଲୁଣ୍ଠନକାରୀଙ୍କୁ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । ଏହି ଭାବବିନିମୟ ଆଲୋଚନାରେ ନୂତନ ଡିଏଫଓଙ୍କୁ ଉପଖଣ୍ଡର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଇ ସମାଧାନ ପାଇଁ ସଦେଶ୍ରେ ଗ୍ରହଣ କରିବାକୁ ଅନୁରୋଧ କରିବା ସହିତ ବିୟୁଟେ ସଂଘ ବିଗତ ଦିନରେ କରିଥିବା ସମାଜସେବା, ଉନ୍ନତି ମୂଳକ କାର୍ଯ୍ୟ ସଂପର୍କରେ ଅବଗତ କରାଇବା ସହିତ ସଂଘକୁ ଏବେ ତୁଷ୍ଟ ମାଧ୍ୟମରେ ଆଗାମୀ ଦିନରେ ବିଭାଗି ସାମାଜିକ କାର୍ଯ୍ୟକୁ ଉତ୍କୃଷ୍ଟତର କରିବା ଏବଂ ଡିଏଫଓଙ୍କ ପ୍ରେରଣାଦାୟୀ ମାର୍ଗଦର୍ଶନ ସଂଘ ପ୍ରତି ରଖିବାକୁ ଅନୁରୋଧ କରିଥିଲେ । ଏହି ସୌଜନ୍ୟମୂଳକ ସାକ୍ଷାତରେ ସଂଘର ସଭାପତି ହେମଚନ୍ଦ୍ର ପ୍ରଧାନ (ଡଗ୍ରୁ), ସଂପାଦକ ନରେଶ ଚନ୍ଦ୍ର ପାଢ଼ୀ , ସଭ୍ୟ ଭ୍ରମର ବାରିକ, ରାକେଶ ପ୍ରଧାନ, ବିଜୟ କୁମାର ଦାସ, ମାନବ କୁମାର ପାତ୍ର, ସୁରେଶ ଦାସ, ଜୟରାମ ପାତ୍ର, ସନ୍ତୋଷ କୁମାର ଅଟୀ, ଉପଦେଷ୍ଟା ଉଗ୍ରସେନ ବିଶାଳ, ଏମତି ରାଷ୍ଟ୍ରାଙ୍ଗ ପ୍ରମୁଖ ଉପସ୍ଥିତ ରହିଥିଲେ ।

ଚର୍ଚ୍ଚାରେ ବିନ୍ଦୁମିନା ସେବା ଫାଉଣ୍ଡେସନ ଅଧକ୍ଷ

ଧର୍ମଗଡ଼, ୦୨/୦୬ (ଆ.ପ୍ର) : ବଣମଲ୍ଲୀ ବଣରେ ପୁଟି, କିଛି ଦୂର ପର୍ଯ୍ୟନ୍ତ ଗାଡ ବାଡ଼ୁଣ୍ଟ ମଜଲାଲ, ମଜଲି ଗଲା ଭଳି ବହୁ ପ୍ରତିଭାବାନ ବ୍ୟକ୍ତି ମଧ୍ୟ ଏଠି ଲୋକ ଲୋଚନକୁ ନ ଆସିପାରି କେବଳ କିଛି ଦୂର ପର୍ଯ୍ୟନ୍ତ ନିଁ ସୀମିତ ରହି ଯାଉଛନ୍ତି ଓ ସେହିଭଳି ଜଣେ ପ୍ରତିଭାବାନ ବ୍ୟକ୍ତିତ୍ୱ ହେଉଛନ୍ତି କଳାହାଣ୍ଡି ଜିଲ୍ଲା ଗୋଳାମୁଣ୍ଡା ଜଣେ ଜଣାଶୁଣା ସମାଜସେବୀ ତଥା ପ୍ରକୃତି ପ୍ରେମୀ, ମାନବ ପ୍ରେମୀ ହେଉଛନ୍ତି ବିନ୍ଦୁମିନା ସେବା ଫାଉଣ୍ଡେସନ ତଥା ଗୋଳାମୁଣ୍ଡା ବୁଢ ଅଧକ୍ଷ ବିନ୍ଦୁ ମନ୍ଦାନ୍ଦ । ସେ ଜଣେ ସ୍ନେହୀ, ପରଉପକାରୀ, ଦୃଢ଼ଧୀ ବ୍ୟକ୍ତି, ଅସହାୟ ବ୍ୟକ୍ତିଙ୍କର ମସିହା ଅଟନ୍ତି । ସେ ମାନବ ସେବା କରିବା ବେଶି ଭଲ ପାଆନ୍ତି । ଅଂଚଳର ଯେକୌଣସି ସ୍ଥାନରେ ଦୁଃଖୀ, ଦରିଦ୍ର, ଗରିବ, ଶତିଖିଆ,ଦିନ ମଜୁରିଆ, ଗରିବ ବୃଦ୍ଧ, ବୃଦ୍ଧା, ବିଧବା ଝି ଅସୁବିଧାରେ ପଡିଥିବାର ଶୁଣନ୍ତି ସେ ସେଠାରେ ପହଂଚି ତାଙ୍କର ସେବା କରନ୍ତି । ଅଂଚଳରେ ବୃଦ୍ଧ ବୃଦ୍ଧା, ବିଧବା, ଅସହାୟ ମାନଙ୍କୁ ଛତା, ଚପଲ ବଂଟନ କରି ସନ୍ତୋଷ ପ୍ରିୟ ଜୀବନ ହେଉଛନ୍ତି । ଏମିତିକି ଦୂର୍ଘଟଣାରେ ଆହତ ବ୍ୟକ୍ତି ହେଉ କି ରକ୍ତ ଅଭାବ ବ୍ୟକ୍ତି ହେଉ ତାଙ୍କୁ ତିକିତ୍ସାଳୟକୁ ପହଂଚାଇ ସହଯୋଗ କରିଥାନ୍ତି । ତେଣୁ ସେ କଳାହାଣ୍ଡିରେ ବେଶ ଜୁପରିଚିତ । ତାଙ୍କୁ ପିଲାଠୁ ବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ଭଲ ପାଆନ୍ତି । ନିକଟ ଅତୀତରେ ଧର୍ମଗଡ଼ ବ୍ଲକ ଅନ୍ତର ଗ୍ରାମର ଜଣେ ବ୍ୟକ୍ତି ରାୟପୁର ଏକ ହସ୍ପିଟାଲରେ ମୃତ୍ୟୁ ବରଣ କରିଥିଲେ । ପରିବାର ଲୋକେ ଅର୍ଥ ଅଭାବରୁ ମଲ ଶରୀର ଆଣି ପାରୁ ନ ଥିଲେ । ଠିକ ଏ ସମୟରେ ଦେବଦୂତ ସାଜିଥିଲେ ବିନ୍ଦୁମିନା ସେବା ଫାଉଣ୍ଡେସନ ଅଧକ୍ଷ ବିନ୍ଦୁ ମନ୍ଦାନ୍ଦ ଆଉ ସେ ମରଶରୀରକୁ ଆଣିବା ବ୍ୟବସ୍ଥା କଲେ । କଳାହାଣ୍ଡି ଯେକୌଣସି ଗାଁରେ ବିଭିନ୍ନ ସାଂସ୍କୃତିକ, କ୍ରୀଡା, ଯାତ୍ରା, ଯାତ୍ରାରେ ଅତିଥି ପାଇଁ ଲୋକେ ତାଙ୍କୁଇଁ ଡାକିଥାନ୍ତି । ସେ ବର୍ତମାନ ବିଜେପି ଦଳରେ ସାମିଲ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାର କ୍ରୀଡା ପ୍ରେମୀ, ଯୁବ ଅନୁଷ୍ଠାନ, ମହିଳାମଣ୍ଡଳ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବହୁ ଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ, ଶିଶୁ, ଯୁବକ, ଯୁବତୀ, ମହିଳା ତଥା ବିଭିନ୍ନ ଜନସାଧାରଣଙ୍କୁ ସ୍ନେହାକୃତ ଭାବେ ଜନସଚେତନତା ସୃଷ୍ଟି କରୁଛନ୍ତି । ତେଣୁ ଅଂଚଳରେ ତାଙ୍କୁ ବେଶ ଭଲ ପ୍ରଶଂସା ଜଜନ୍ତି ।

ଆମ ଆଦମୀ ପାର୍ଟିର ସଦସ୍ୟ ସଂଗ୍ରହ ଅଭିଯାନ

ପାଟପୁର, ୦୨/୦୬ (ଆ.ପ୍ର) : ଗଞ୍ଜାମ ଜିଲ୍ଲା ଟିକିଟି ନିର୍ବାଚନ ମଣ୍ଡଳୀ ଆମ୍ ଆଦମୀ ପାର୍ଟି ର ସଦସ୍ୟ ସଂଗ୍ରହ ଅଭିଯାନ ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀନିବାସ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ସାମନ୍ତରାପୁର ଠାରେ ଶିବ ରାମ ଗୌଡ, ଆଲୋକ ରେଡ୍ଡୀ, ଆଦିତ୍ୟ ରେଡ୍ଡୀ, ଶ୍ରୀକାନ୍ତ ପ୍ରଧାନ ଶଙ୍କର ଗୌଡ, ବିନୋଦ ଗୌଡ ପ୍ରମୁଖ ଆମ୍ ଆଦମୀ ପାର୍ଟିର ସଦସ୍ୟତା ଗ୍ରହଣ କରିଥିବା ବେଳେ ନୂତନ ସଦସ୍ୟ ମାନଙ୍କୁ ଶ୍ରୀନିବାସ ରେଡ୍ଡୀ ଉତରୀୟ ପ୍ରଦାନ କରାଇ ଟୋପି ପରିଧାନ କରିଥିଲେ । ଅରବିନ୍ଦ କେଜ୍ରିୱାଲଙ୍କ ନିର୍ଦ୍ଦେଶ କ୍ରମେ ଜୁନ୍ ଏକ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଘର ଘର ବୁଲି ନୂତନ ସଦସ୍ୟ ସଂଗ୍ରହ ଅଭିଯାନ କରାଯାଉଛି । ଆଗାମୀ ଦିନରେ ପ୍ରତ୍ୟେକ ପଂଚାୟତରେ ନୂତନ ସଦସ୍ୟ ସଂଗ୍ରହ କରାଯାଇ ଆମ୍ ଆଦମୀ ପାର୍ଟିକୁ ସୁଦୃଢ଼ କରାଯିବ ବୋଲି ଶ୍ରୀ ରେଡ୍ଡୀ ପ୍ରକାଶ କରିଛନ୍ତି ।

ଓଏଏସ୍ ଅମ୍ଳାନଙ୍କୁ ସମ୍ବର୍ଦ୍ଧନା

ଏରସମା, ୦୨/୦୬ (ଆ.ପ୍ର) : ଏରସମା ବ୍ଲକ୍ ଭିତର ଅଞ୍ଚଳି ପଂଚାୟତ ଅନ୍ତର୍ଗତ ଜଳଜ ଗ୍ରାମର, ଓଡିଶା ସିଭିଲ ସର୍ଭିସେସ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ଅମ୍ଳାନ ଦାସଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ରବିବାର ଅପରାହ୍ନରେ ଏକ ଶୋଭାଯାତ୍ରାରେ ନୂଆଗିହି, ବଶିପୁର, ମଲ୍ଲିପୁର, ପାଟପୁର ଓ ଜଳଜ ଗ୍ରାମ ପରିକ୍ରମା ପରେ, ସାନ୍ଧ୍ୟରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଜଳଜ ଗ୍ରାମ ଯୁବ ସମାଜ ପକ୍ଷରୁ ଆୟୋଜିତ ଆଜିର ସମ୍ବର୍ଦ୍ଧନା ସଭାରେ, ବାଲିକୁଦା ଏରସମା ବିଧାୟକ ସାରଦା ପ୍ରଧାନ୍ ଚେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅମ୍ଳାନଙ୍କ ସଫଳତା ଜଳଜ ଗାଁ ପାଇଁ ମାଇଲ ଖୁଂଟ ହୋଇଛି ବୋଲି କହିଥିଲେ । ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଦସ୍ୟ ପିତବାସ ଗଞ୍ଜାୟତ, ଅବସର ପ୍ରାପ୍ତ ଶିକ୍ଷକ ଶତିକାନ୍ତ ପ୍ରଧାନ, ଚାସୀରୀ ନାୟକ, ପ୍ରଦିପ୍ତ କିଶୋର ପରିଡା, ଚିତ୍ୟାନନ୍ଦ ଦାସ,ସମିର ରଞ୍ଜନ ସ୍ୱାଇଁ, ରମେଶ ଚନ୍ଦ୍ର ବେଉରା, ସୁରେନ୍ଦ୍ର କୁମାର ପରିଡା, ବଲୁଲ ମହାପାତ୍ର ଓ ଶୁଭାଷ ଚନ୍ଦ୍ର ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସୌମ୍ୟରଞ୍ଜନ ନାୟକ ମଂଚ ସଂଯୋଜନା ସହିତ, ସଚିତ୍ର ମହାନ୍ତି ଧନ୍ୟବାଦ ଦେଇ ଥିଲେ । ଜଳଜ ଗ୍ରାମ ବାସୀ ଓ ଯୁବ ସମାଜ ସଂଗଠନର କର୍ମିକର୍ତାମାନେ ଉତ୍ସବ ପରିଚାଳନା କରିଥିଲେ ।

ଜୟଦେବ ଭବନ ଠାରେ ସଂଗୀତର 'ଭିନ୍ନ ଋତୁ' କାର୍ଯ୍ୟକ୍ରମ ଅନୁଷ୍ଠିତ

ପାରଳାଖେମୁଣ୍ଡି, ୦୨/୦୬ (ଆ.ପ୍ର) : ବିଶିଷ୍ଟ ଓଡିଶୀ ସଂଗୀତଜ୍ଞ ତଥା ଓଡିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଏବଂ ଦୂରଦର୍ଶନ ଓ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ସଂଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ପଣ୍ଡିତ ରଘୁନାଥ ପାତ୍ରଙ୍କ ଦିଗଦର୍ଶନରେ ଗଠିତ ଭକ୍ତି ନିବେଦ୍ୟ ଅନୁଷ୍ଠାନ ପକ୍ଷରୁ ଜୟଦେବ ଭବନ ଠାରେ ଆୟୋଜିତ ସଂଗୀତ ଚିତ୍ରିତ କାର୍ଯ୍ୟକ୍ରମ 'ଭିନ୍ନ ଋତୁ'ରେ ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ ପାରଳାଖେମୁଣ୍ଡି ଭଳି ଉପାନ୍ତ ଅଂଚଳରେ ଜନ୍ମ ଗ୍ରହଣ କରିଥିବା ପଣ୍ଡିତ ରଘୁନାଥ ପାତ୍ରଙ୍କ ସଂଗୀତ ସାଧନାର ଉଚ୍ଚ ପ୍ରଶଂସା କରିବା ସହ ଓଡିଶୀ ସଂଗୀତରେ ପାରଳା ଘରାନାକୁ କଳାକ୍ଷ ରଖିବାରେ ତାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହ ନିର୍ଦ୍ଦେଶକ ଅକ୍ଷୟ କୁମାର ସେଠୀ, ଲେଖକ ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଓଡିଶୀ କଣ୍ଠଶିଳ୍ପୀ ଡା.ସଂଗୀତା ଗୋସାଇଁ ପ୍ରମୁଖ ଯୋଗଦେଇ ରଘୁନାଥଙ୍କ ଜୀବନ ବ୍ୟାପି ଓଡିଶୀ ସଂଗୀତ ସାଧନା ବିଶେଷ କରି ବିନା ଶୁଳ୍କରେ ଉପାନ୍ତ ଅଂଚଳରେ ସଂଗୀତ ଶିକ୍ଷା ପ୍ରଦାନ କରି ଅନେକ ଛାତ୍ରଛାତ୍ରୀଙ୍କୁ ସୃଷ୍ଟି କରିବା ସହ ତାଙ୍କ ଦ୍ୱାରା ସ୍ୱର ସଂଯୋଜିତ ତଥା ନିର୍ଦ୍ଦେଶନାରେ ସୃଷ୍ଟି ହୋଇଥିବା କାଳଜୟୀ ଲଘୁ ସଂଗୀତ ପାଇଁ ସେ ସବୁବେଳେ ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇ ରହିବେ ବୋଲି କହିବା ସହ ତାଙ୍କ ମାନସପୁତ୍ର ଭକ୍ତି ନିବେଦ୍ୟ ଅନୁଷ୍ଠାନର ଉତରୋତର ଉନ୍ନତି କାମନା କରିଥିଲେ । ଅନୁଷ୍ଠାନର ସଭାପତି ନୃସିଂହ ଚରଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡିଶୀ ସଂଗୀତ ନାୟକ ଏକାଡେମୀ ଦ୍ୱାରା ପୁରସ୍କୃତ ଯୁବ ମଂଚ ଅଭିନେତା ଆଦର୍ଶ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ରୂପେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ଆବାହକ ଡ.ଚନ୍ଦନ ଗଣ୍ଡାୟତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ମଧୁମିତା ମହାନ୍ତିଙ୍କ ଉପସ୍ଥାପନା ଏବଂ ଭକ୍ତି ନିବେଦ୍ୟ ଅନୁଷ୍ଠାନର କଳାକାରମାନେ ପରିବେଷିତ ରଘୁନାଥଙ୍କ ଦ୍ୱାରା ସ୍ୱର ସଂଯୋଜିତ ତଥା ନିର୍ଦ୍ଦେଶିତ ବିଭିନ୍ନ ସଂଗୀତ ପରିବେଶଣ କରିଥିଲେ, ଯାହା ଉପସ୍ଥିତ ଶ୍ରୋତାଙ୍କୁ ଅନେକ ଗାତି ଯାଏଁ ବାନ୍ଧି ରଖିଥିଲା । କଣ୍ଠଶିଳ୍ପୀ ଡା.ସଂଗୀତା ଗୋସାଇଁ, ପଣ୍ଡିତ ରଘୁନାଥ ପାତ୍ର, ସମ୍ମିଳା ସାମନ୍ତରାୟ, ଡ.ଆଦ୍ୟାଶା ଦାଶ, ଡ.ଚନ୍ଦନ ଗଣ୍ଡାୟତ, ବୈଷ୍ଣବୀ ଗୋଷ୍ଠ - ଶୋଭାର ଲୋଡି ଦିଲ ସେ (ହିନ୍ଦୀ ଗଜଲ), ପ୍ରଭାତ ପାତ୍ର, ଶିବ ଷଡଙ୍ଗୀ, ଅଞ୍ଜଳୀ ପାତ୍ର ଓ ଅମିତ କୁମାର ନନ୍ଦ ସଂଗୀତ ପରିବେଷଣ କରିଥିବା ବେଳେ ବାଦ୍ୟ ଯନ୍ତ୍ରଣରେ ଜଂ.ଅଭୟେନ୍ଦ୍ର (ତବଲା), ବିଜୟ ଷଡଙ୍ଗୀ, ଶ୍ୟାମ ଭାଲ (ସେକୋପୋନ୍, ବଂଶୀ), ବିଶ୍ୱଭୂଷଣ (କି-ବୋର୍ଡ), ଉମା ମହେଶ (ଫାଡ)ରେ ରହିଥିଲେ ।

ଭଦ୍ରକରେ ଏସ୍ଆଇଆର୍ ସଚେତନତା ରଥର ଶୁଭାରମ୍ଭ

ଭଦ୍ରକ, ୦୨/୦୬ (ଆ.ପ୍ର) : ନିର୍ବାଚନ କମିଶନଙ୍କ ଦ୍ୱାରା ଚାଲୁଥିବା ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ମଧ୍ୟରେ ଅଧିକ ବ୍ୟାପକ ଭାବେ ପହଂଚାଇବା ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାରେ ଏସ୍ଆଇଆର୍ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ଦିନାପ ଗାଉଡରାୟ ଓ ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ ସବୁଜ ପତାକା ପ୍ରଦର୍ଶନ କରି ଏହି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ଏହି ରଥ ଜିଲ୍ଲାର ବିଭିନ୍ନ ବ୍ଲକ, ପଂଚାୟତ ଓ ସହରାଂଚଳ ପରିକ୍ରମଣ କରି ଲୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଉଦି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧନେଶ ତରଣ ଗୁପ୍ତ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଝୁଂଟିଆ, ଭଦ୍ରକ ବ୍ଲକ ଉନ୍ନୟନ ଅଧିକାରୀ ରଣ୍ଜି ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ନାଗରିକମାନଙ୍କୁ ଏସ୍ଆଇଆର୍ ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିବା, ବୁଥ ସ୍ତରୀୟ ଅଧିକାରୀ ମାନଙ

ଦୈନିକ
ଆରମ୍ଭ
SEITHO AKAMBHA
ବୁଧବାର, ୩ ଜୁନ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଗ୍ରାମ ନିକଟରେ ବୁଲୁଛି ଭାଲୁ ଓ ଦୁଇ ଛୁଆ, ଲୋକଙ୍କ ମଧ୍ୟରେ ଆତଙ୍କ

ସିନାପାଲି, ୦୨/୦୬ (ଆ.ପ୍ର) : ନୂଆପଡା ଜିଲ୍ଲା ସିନାପାଲି ଥାନା ଅନ୍ତର୍ଗତ ଉରୁଆମୁଣ୍ଡା ଗ୍ରାମ ପଂଚାୟତ ଜରେଜପଦର ଗ୍ରାମରେ ଏକ ମା' ଭାଲୁ ଓ ତାହାର ଦୁଇଟି ଛୁଆର ଅତର୍କିତ ଆକ୍ରମଣରେ ଗ୍ରାମର ୪୯ ବର୍ଷୀୟ ଆଳବର ହେର୍ଣ୍ଣା ଗୁରୁତର ଭାବେ ଆହତ ହୋଇଛନ୍ତି । ଘଟଣା ପରେ ସମଗ୍ର ଅଂଚଳରେ ଆତଙ୍କର ପରିବେଶ ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ, ଗତକାଲି ରାତି ପ୍ରାୟ ୮'ଟା ୩୦ ମିନିଟ ସମୟରେ ଆଳବର ହେର୍ଣ୍ଣା ଶୌଚ ପାଇଁ ଘର ନିକଟସ୍ଥ ଅଂଚଳକୁ ଯାଇଥିବା ବେଳେ ହଠାତ୍ ଏକ ମା' ଭାଲୁ ଓ ତାହାର ଦୁଇଟି ଛୁଆ ସହ ସାମ୍ନାସାମ୍ନି ହୋଇଥିଲେ । ଛୁଆମାନଙ୍କ ସୁରକ୍ଷା ପାଇଁ ଭାଲୁଟି ଆକ୍ରମଣାତ୍ମକ ହୋଇ ତାଙ୍କ ଉପରେ ଝାପଟି ପଡ଼ିଥିଲା । ଏଥିରେ ଆଳବରଙ୍କ କାନ କଂସ ଓ ଡଚ ଅଂଶରେ ଗଭୀର କ୍ଷତ ସୃଷ୍ଟି

ହୋଇଥିଲା । ତାଙ୍କ ଚିତ୍କାର ଶୁଣି ପରିବାର ଲୋକ ଓ ଗ୍ରାମବାସୀମାନେ ଘଟଣାସ୍ଥଳକୁ ଧାଇଁ ଆସିଥିଲେ । ଲୋକଙ୍କ ଗହଳି ଦେଖି ଭାଲୁଟି ଜଙ୍ଗଲ ମୁହାଁ ହୋଇ ପଳାଇ ଯାଇଥିଲା । ପରେ ଗୁରୁତର ଆହତ ଆଳବରଙ୍କୁ ଉଦ୍ଧାର କରି ପ୍ରଥମେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତରମାନେ ତାଙ୍କୁ ଜଳାଳୀପାଟଣା ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ବର୍ତମାନ ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି । ଘଟଣା ପରେ ଜରେଜପଦର ସମେତ ଆଖପାଖ ଅଂଚଳରେ ଭୟର ଛାୟା ଖେଳିଯାଇଛି । ବିଶେଷକରି ଭାଲୁଟି ଦୁଇଟି ଛୁଆ ସହ ଗ୍ରାମ ନିକଟରେ ବୁଲୁଥିବାରୁ ସନ୍ଧ୍ୟା ହେଲେ ଲୋକେ ଘର ବାହାରକୁ ବାହାରିବାକୁ ଭୟ କରୁଛନ୍ତି । ଅନ୍ୟପକ୍ଷରେ ବନ ବିଭାଗ ପକ୍ଷରୁ ଭାଲୁର ଗତିବିଧି ଉପରେ ନଜର ରଖାଯାଉଥିବା ସୂଚନା ମିଳିଛି । ଗ୍ରାମୀଣ ଲୋକଙ୍କ ଅଂଚଳରେ ସୁରକ୍ଷା ବାହିନୀ କଡ଼ାକଡ଼ି କରିବା ସହ ଗୁରୁତର ଆହତ ଆଳବର ହେର୍ଣ୍ଣାଙ୍କୁ ସରକାରୀ ସହାୟତା ଓ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି । ବନ୍ୟଜନ୍ତୁ ଉପଦ୍ରବ ନେଇ ଏହି ଘଟଣା ସମଗ୍ର ସିନାପାଲି ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

ରାୟଗଡ଼ରେ ନବନିଯୁକ୍ତ ୨୨ ଜଣ ଶିକ୍ଷକଙ୍କୁ ପଦସ୍ଥାପନ ପତ୍ର ପ୍ରଦାନ

ରାୟଗଡ଼, ୦୨/୦୬ (ଆ.ପ୍ର) : ରାୟଗଡ଼ ଜିଲ୍ଲା ମଙ୍ଗଳ ବିଭାଗ ଅଧୀନରେ ପରିଚାଳିତ ବିଦ୍ୟାଳୟଗୁଡ଼ିକ ପାଇଁ ନବନିଯୁକ୍ତ ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ ଓ ଶାରୀରିକ ଶିକ୍ଷା ଶିକ୍ଷକ ମାନଙ୍କର ପଦସ୍ଥାପନ କାର୍ଯ୍ୟକ୍ରମ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସଭାଗୃହ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ଶିକ୍ଷକମାନଙ୍କୁ ନିଷ୍ଠା ଓ ଦାୟିତ୍ୱବୋଧ ସହ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ସେ କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ମାନ ବୃଦ୍ଧି ସହ ସେମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ଚଳିତ ଶିକ୍ଷାବର୍ଷରେ ପ୍ରତ୍ୟେକ ବିଦ୍ୟାଳୟରୁ ଅତିକମରେ ୫ ଜଣ ଛାତ୍ରଛାତ୍ରୀ ଯେପରି 'ଏ୧' ଗ୍ରେଡ଼ ହାସଲ କରିପାରିବେ, ସେଥିପାଇଁ ସ୍ୱତନ୍ତ୍ର ପ୍ରୟାସ କରିବାକୁ ସେ ଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ । ଏହା ସହ ପିଲାମାନଙ୍କର ଉନ୍ନତମାନର ଶିକ୍ଷା ଓ ଶାରୀରିକ ବିକାଶ ନିମନ୍ତେ ନିରନ୍ତର ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ଏହି ପ୍ରକ୍ରିୟାରେ ମୋଟ ୨୨ ଜଣ ଶିକ୍ଷକଙ୍କୁ ବିଭିନ୍ନ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଥିଲା । ସେଥିମଧ୍ୟରୁ ପିସିସିଏମ ବିଭାଗରେ ୭ ଜଣ, ସିବିଜେଡ୍ ବିଭାଗରେ ୩ ଜଣ ଏବଂ ପିଇଟି ଭାବେ ୧୨ ଜଣ ଶିକ୍ଷକ ସାମିଲ ଅଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅଶୀମା ରାଉତ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାଲ୍ରୀ, ସଦର ରାୟଗଡ଼ାର ବିଦ୍ୟାଗୀୟ ଅଧିକାରୀ, ଜିଲ୍ଲା ସ୍କୁଲ ପରିଦର୍ଶକ ଏବଂ ଜିଲ୍ଲା ମଙ୍ଗଳ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଦଶପଲା ପ୍ରିମିଅର୍ ଲିଗ୍ ସେମି ଫାଇନାଲ ମ୍ୟାଚରେ କୁଆଁରିଆ ବ୍ଲାଷ୍ଟର ଦଳ ବିଜୟୀ

ଦଶପଲ୍ଲୀ, ୦୨/୦୬ (ଆ.ପ୍ର) : ଦଶପଲ୍ଲୀ ଜିଲ୍ଲାପାଠ ଅଂଚଳ ପରିଷଦ ଅନ୍ତର୍ଗତ ଗାଣ୍ଡି ମଇଦାନ ଠାରେ ଦଶପଲ୍ଲୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଦଶପଲ୍ଲୀ ପ୍ରିମିଅର୍ ଲିଗ୍ ସିଜିନ୍- ୪ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ ଅତିଥି ଭାବେ, ଦଶପଲ୍ଲୀ ବ୍ଲକ ପୂର୍ବତନ ଅଧକ୍ଷ ଉପେନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ । ଆଜି ସେମି ଫାଇନାଲ ପ୍ରଥମ ମ୍ୟାଚରେ ବ୍ୟାଟିଂ କରି ଲକ୍ଷ୍ମୀ ଓ୍ୱାରିଅର୍ସ୍ ୧୧ ଦଳ ୧୨ ଓଭରରେ ୧୦୪ ରନ୍ ସଂଗ୍ରହ କରି ମ୍ୟାଚ୍ ଟି ହାରି ଯାଇଥିବା ବେଳେ ଜବାବରେ କୁଆଁରିଆ ବ୍ଲାଷ୍ଟର ୧୧ ଦଳ ୧୦ ଓଭରରେ ୧୦୭ ରନ୍ ସଂଗ୍ରହ କରି ମ୍ୟାଚ୍ ଟି ଜିତି ଯାଇଥିଲେ । ଏହି ମ୍ୟାଚ୍ ଟି କୁଆଁରିଆ ବ୍ଲାଷ୍ଟର ଦଳ ବିଜୟ ଲାଭ କରିଥିଲା । ଏହି ଦଳର ବିଶ୍ୱଜିତ୍ ସାହୁ (ସାନୁ) ୪୦ ବଲରେ ଧୁଆଁଧାର ୭୬ ରନ୍ ସଂଗ୍ରହ କରିଥିଲେ । ଦଶପଲ୍ଲୀ କ୍ରିକେଟ କ୍ଲବର ବିଜୟ କୁମାର ନାୟକ, ସୁଲାନ୍ତ କରିଆରସିଂ, କେଶବ ମିଶ୍ର, ଭୂଷାର ଚନ୍ଦ୍ର ମହାନ୍ତି, ସିଦେଶ ମହାନ୍ତି, ରଜତ ଚାରେଣ୍ଟିଆ, କୃଷ୍ଣଚନ୍ଦ୍ର ସିଠ, ପଦିନ୍ଦ୍ର ଦେବେରା, ରାଧାମାଧବ ବାରିକ, ପ୍ରଶାନ୍ତ ସ୍ୱାଇଁ ଓ ବିଦାକର ଦେବେରା ପ୍ରମୁଖ ଡିସିପଲ୍ ଟୁର୍ଣ୍ଣାମେଂଟ ପରିଚାଳନାରେ ସହଯୋଗ କରିଥିଲେ ।

ପୁରୁଷ ଓ ଜଣେ ମହିଳା ବିଷ ସେବନ

ପୁରୀ, ୦୨/୦୬ (ଆ.ପ୍ର) : ସକାଳ ପ୍ରାୟ ୬:୧୦ ମିନିଟ୍ ସମୟରେ ଲଅଉଏଏସଏ-୧୧୨ ମାଧ୍ୟମରେ ସୂଚନା ମିଳିଥିଲା ଯେ ଦୋଳମଣ୍ଡପ ସାନ୍ନିଧ୍ୟସ୍ଥିତ ସାଇ ସୃତି ଲଜ୍‌ରେ ରହୁଥିବା ଜଣେ ପୁରୁଷ ଓ ଜଣେ ମହିଳା ବିଷ ସେବନ କରିଥିବା ସନ୍ଦେହ କରାଯାଇଛି । ସୂଚନା ପାଇବା ମାତ୍ରେ ପୁରୀ ଓଡେଭ ଟିମ୍ ତୁରନ୍ତ ଘଟଣାସ୍ଥଳକୁ ସକାଳ ୬:୧୫ ମିନିଟ୍ ସମୟରେ ସେଠାରେ ପହଂଚି ଉଦ୍ଧାରକୁ ଉଦ୍ୟମ କରିଥିଲେ । ପୋଲିସ କର୍ମଚାରୀ ମାନଙ୍କର ତ୍ୱରିତ ପଦକ୍ଷେପ ଫଳରେ ଉଭୟଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପୁରୀକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା । ଉଦ୍ଧାର ପାଇଥିବା ବ୍ୟକ୍ତିମାନେ ହେଲେ ସପନ କୁମାର ସାହୁ (୪୦), ପିତା- ସୀତାରାମ ସାହୁ, ମାଗୋଣା, ବାଲେଶ୍ୱର ଏବଂ ରାଜେଶ୍ୱରୀ ଦେବେରା (୨୩), ବାସୁଦେବପୁର, ଭଦ୍ରକ । ବର୍ତମାନ ଉଭୟ ଚିକିତ୍ସାଧୀନ ଅଛନ୍ତି ଏବଂ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଡାକ୍ତରୀ ଦଳ ନଜର ରଖୁଛନ୍ତି । ଘଟଣାର କାରଣ ସମ୍ପର୍କରେ ତଦନ୍ତ ଜାରି ରହିଛି ।

ଓମ୍‌କାର ସାଂସ୍କୃତିକ ଉତ୍ସବ ପକ୍ଷରୁ ପ୍ରତିଭା ଅନ୍ୱେଷଣ

ଭଦ୍ରକ, ୦୨/୦୬ (ଆ.ପ୍ର) : ଭଦ୍ରକ ଓମ୍‌କାର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ଠାରେ ଶନିବାର ପୂର୍ବାହ୍ନ ୧୦ରୁ ଆରମ୍ଭ ହୋଇଥିବା ଦିବସବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠାନର ପ୍ରତିଷ୍ଠାତା ଲମ୍ବୋଦରେନ୍ ଓମ୍‌କାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । କବୟିତ୍ରୀ ସଂଯୁକ୍ତା ବଳ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଦିପ୍ତାଙ୍କନ, ତବଲା, ଓଡିଶୀ, ମଡର୍ଣ୍ଣ ଓ ସଂଗୀତ ପ୍ରତିଯୋଗିତା କନିଷ୍ଠ ଓ ବରିଷ୍ଠ ବର୍ଗର ପ୍ରତିଭାମାନଙ୍କୁ ନେଇ ୨ଟି ବର୍ଗରେ ଆୟୋଜିତ ହୋଇଥିଲା । ଏଥିରେ ବିଚାରକ ଭାବେ ସଂଗୀତ ନିର୍ଦ୍ଦେଶକ ଗୁରୁମାଧବ ବାରିକ, ଗାୟତ୍ରୀ ପ୍ରଧାନ, ଦେବସ୍ମିତା କର, ମନୋଜ କୁମାର ପଣ୍ଡା, ଜିତେନ୍ଦ୍ର ଦେବେରା, ଆଶୁତୋଷ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରତିଭା ଚୟନ କରିଥିଲେ । ଯୋଗଦେଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ବିଚାରକମାନେ ପ୍ରତିଭା ଚୟନ କରିଥିଲେ । ସଂଗୀତ କ୍ୟାମଟେକ ଓମ୍‌କାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରୁ ଜଣି ତଥା ପ୍ରେମ ପୃଥିବୀ ପତ୍ରିକାର ସଂପାଦକ କୈଳାସ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଅଚଳ ବିହାରୀ ନାୟକ, ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଗ୍ରାମ ଚରଣ ପରିଡ଼ା, ସୂଚନା ଅଧିକାର କର୍ମୀ ବିଭାଷ ଧଳ, ଦଳିତ ନେତା ରାଜେନ୍ଦ୍ର ସେନା, କୃଷିଶିକ୍ଷା ଶଶିକିରଣ ମିଶ୍ର ଯୋଗଦେଇ ଅନୁଷ୍ଠାନର ଏପରି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ପରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ ପ୍ରକୃତି ବନ୍ଧୁ ବେଜୁଣ୍ଡ ବିଶ୍ୱାଳ, ଶିକ୍ଷାବିତ ଅକ୍ଷୟ କୁମାର ମହାନ୍ତି, ମାଟୀକାର ପ୍ରିୟବ୍ରତ ରାଉତ, ଶିକ୍ଷାବିତ୍ ନରେନ୍ଦ୍ର କୁମାର ସାହୁ, କବି ଗଦୁରାଜ ଅକ୍ଷୟ, ବିପ୍ଳବ ଘୋଷ, କୃତୀ ଛାତ୍ରୀ ଗଦୁପର୍ଣ୍ଣା ବେହୁରିଆଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଲୁନଜୀବୀ କୃତିଦ୍ୱୀପା କର, ସାମ୍ବାଦିକ ଜୟ ଜଗନ୍ନାଥ ମଲ୍ଲିକ, ଦିଲ୍ଲୀପ କୁମାର ଜେନା, ଦେବଦତ କାଲିକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

ଅଟୋ ଓଲଟି ଛଅ ଆହତ ଜଣେ ଗୁରୁତର

ପାଟପୁର, ୦୨/୦୬ (ଆ.ପ୍ର) : ଜଗତ୍ସିଂହପୁର ଜିଲ୍ଲା ଆଳୀ ଖାଲିଆଗୁଡ଼ା ପଂଚାୟତ ଅନ୍ତର୍ଗତ ସୁରଙ୍ଗି ସାଗର ନିକଟରେ ଏକ ଅଟୋ ଭାରବ୍ୟାମ ହଠାତ ଓଲଟି ପଡ଼ିଥିବା ଜଣାପଡ଼ିଛି । ଘଟଣାରେ ଜଣେ ଗୁରୁତର ହୋଇଥିବା ବେଳେ ୬ ଜଣ ଆହତ ହୋଇଥିବା ଜଣାପଡ଼ିଛି । ଗୁରୁତର ଜଣକ ହେଲେ ବାଉଜିଆ ଗ୍ରାମର କୈଳାସ ସାହୁ (୪୮) । ମିଳିଥିବା ସୂଚନା ମୁତାବକ ବାଉଜିଆ ଗ୍ରାମର ଜିଲ୍ଲି ଲୋକ ଅଟୋ ଯୋଗେ ଲୌଣସି ଜାମରେ ପାଟପୁର ଯିବା ବେଳେ ସୁରଙ୍ଗି ସାଗର ନିକଟରେ ଅଟୋଟି ଭାରବ୍ୟାମ ହଜାଇ ଓଲଟି ପଡ଼ିଥିବା ଯାହା ଫଳରେ ସେଥିରେ ବସିଥିବା କୈଳାସ ସାହୁ, ବାଲୁଲୀ ସାହୁ, ଲୋଚେଶ୍ୱର ସାହୁ, ଗଙ୍ଗାଦରୀ ସାହୁ, ମିଥୁନ ସାହୁ, ପ୍ରସନ ସାହୁ ସମସ୍ତଙ୍କୁ ଆଘାତ ଲାଗିଥିବା ବେଳେ ସ୍ଥାନୀୟ ଲୋକ ଉଦ୍ଧାର କରି ପ୍ରଥମେ ସୁରଙ୍ଗି ସ୍ୱାସ୍ଥ୍ୟ କେନ୍ଦ୍ର ପରେ ପାଟପୁରକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ କୈଳାସଙ୍କୁ ଗଭୀର ଆଘାତ ଲାଗିବା ଦ୍ୱାରା ବ୍ରହ୍ମପୁର ମେଡିକାଲକୁ ପଠାଯାଇଥିବା ଜଣାପଡ଼ିଛି ।

ଟ୍ରକ ଚୋରି କରି ଡ୍ରାଇଭର ଗିରଫ, ଟ୍ରକ୍ ଜବତ

ଚାଙ୍ଗା-ଚୌଦ୍ୱାର, ୦୨/୦୬ (ଆ.ପ୍ର) : ଟ୍ରକ ଚୋରିକରି ନେଇଥିବା ଅଭିଯୋଗରେ ଜଗତସିଂହପୁର ପୋଲିସ ଡ୍ରାଇଭରକୁ ଗିରଫ ସୋମବାର କୋର୍ଟ ଚାଲାଣ କରିଛି । ଗିରଫ ଡ୍ରାଇଭର ଜଣକ ହେଲେ କଟକ ଝୁଟୁଗି ଆନା ଅଧୀନ ରାଶେନ୍ଦ୍ର ଗ୍ରାମର ବିନୟ ଦାସ(୨୧) । ଅଭିଯୋଗ ମୁତାବକ ଗତ ୨୮ ତାରିଖ ଦିନ ଭଦ୍ରା ସୁଡ଼ରେ

ଜଗତସିଂହପୁର ସ୍ଥିତ ପେଟ୍ରୋ କେମିକାଲ୍ସ ଏକ ବୋଝେଲ ଟ୍ରକ୍ (ନଂ ଓଆର ୧୫ କିୟୁ ୦୫୪୨) ଲୁଚେଇଥିବା ପରିଆ ଯାଇଥିଲା । ପରଦିନ ୨୯ ତାରିଖରେ ସେଠାରେ ମାଲ ଖଲାସ କରି ଖାଲି ଗାଡ଼ି ପୁନଶ୍ଚ ଜଗତସିଂହପୁର ଫେରିଥିଲା । ମାତ୍ର ଜଗତସିଂହପୁର ରେ ପହଂଚିବା ପରେ ଡ୍ରାଇଭର ନିଜର ମୋବାଇଲ ସ୍ୱିଚ ଅଫ୍ କରି ଟ୍ରକକୁ ଜବ୍ତ କରିନେଇ ଫେରାର ହୋଇଯାଇଥିଲା । ଡିସିପଏ ଟ୍ରାକ ମଧ୍ୟ ଯୋଗାଯୋଗ ବିଛିନ୍ନ ଯୋଗୁ ଟ୍ରକ୍ ସ୍ଥିତି ମାଲିକ ପରଖୀ ପାରି ନଥିବା ବେଳେ ଡ୍ରାଇଭର କୌଣସି ପତା ମଧ୍ୟ ମିଳିପାରିନଥିଲା । ସେହେତୁ ସେହେତୁ ଗତ ୩୧ ତାରିଖରେ ଟ୍ରକ୍ ମାଲିକ ପୁରୁଷୋତମ ସିଂ ଜଗତସିଂହପୁର ଥାନାରେ ଏତଲା ଦାୟର କରିଥିଲେ । ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ୩୪୬/୨୬) ରୁଜୁ କରିକରି ଜାରି ରଖି ମୁତାବକ ଟ୍ରାକ କରିଥିଲା । ଏକ ସ୍ଥାନରେ ଉକ୍ତ ଟ୍ରକ୍ ଠିଆ ହୋଇ ରହିଥିବାର ଖବର ପାଇ ପିସିଲ ପୋଲିସ ରାତିରେ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ଜଗତସିଂହପୁର ପୋଲିସର ଜିମା ଦେଇଥିଲା ।

ଏରସମା ରଜ ମହୋତ୍ସବ ୨୦୨୬ ଉଦ୍‌ଘାଟିତ କଲେ ବରିଷ୍ଠ ସାମ୍ବାଦିକ

ଏରସମା, ୦୨/୦୬ (ଆ.ପ୍ର) : ସୋମବାର ସନ୍ଧ୍ୟାରେ ଏରସମା ରଜ ମହୋତ୍ସବ କମିଟି ପକ୍ଷରୁ ୧୫ ତମ ବାର୍ଷିକ ରଜ ମହୋତ୍ସବ ଉତ୍ସବ ଏରସମା ଦେବୀ ଦୋଳ ପଡ଼ିଶାରେ ଅନୁଷ୍ଠିତ ହୋଇଯାଇଛି । ରଜ ମହୋତ୍ସବ କମିଟିର ସମ୍ପାଦକ ନିରାକାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏରସମା ରଜ ମହୋତ୍ସବ କମିଟିର ସଦସ୍ୟ ମାନେ ଲାଇଟାରା ବଜାୟ ରଖିବା ସହିତ ଦୀର୍ଘ ୧୫ବର୍ଷ ଧରି ଏହି ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରୁଛନ୍ତି । ଆଜିର ପ୍ରଥମ ଦିବସରେ ଆୟୋଜିତ ରଜ ମହୋତ୍ସବକୁ ପ୍ରଥମ ସନ୍ଧ୍ୟା ରେ ପ୍ରାକାର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରବି ଦାଶ ଉଦ୍ଧାଟନ କରିଥିଲେ । ଏହି ଉଦ୍ଧାଟିତ ଦିବସରେ ମୁଖ୍ୟ ବକ୍ତା ବରିଷ୍ଠ ସାମ୍ବାଦିକ ବିଜୁପ୍ରିୟ ବିଶୋୟି, ସଙ୍ଗୀତମୟ ଅତିଥି ଭୁବନେଶ୍ୱରର କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ଗୀତା ବିଶାରଦ ଧୀରେନ୍ଦ୍ର ବେହେରା,ସମାଜସେବୀ ଧୀରେନ୍ଦ୍ର ଚୌଧୁରୀ, ରାଜ୍ୟ ବିଜେପି ଓଡିଶା ମୋର୍ଚା ଉପସଭାପତି ତୃଷ୍ଣିତ ଚରଣ ସାହୁ,ବିଜେପି ନେତା ନିର୍ଲିପ୍ତ ଜେନା, ସମାଜସେବୀ ସୁମନ କୁମାର ଖଟୁଆ, ଗ୍ରାମ୍ୟ କମିଟି ଏରସମାର ସମ୍ପାଦକ ପ୍ରକାଶର ପଣ୍ଡା, ଲମ୍ବାକାନ୍ତ ଡଗାର ପ୍ରଭୃତି ଉପସ୍ଥିତ ରହି କହିଥିଲେ ରଜ ପର୍ବର ଐତିହ୍ୟ ପରମ୍ପରା ସଂସ୍କୃତି ରାଜଚାର ପର୍ବ ଆମ ପୁରୁଣା ସଂସ୍କୃତିକୁ ଜାଗ୍ରାତିତ କରିରଖିବା ଏକତାର ମୂଳମନ୍ତ୍ର ଏହି ସହିତ ଏରସମା ରଜ ମହୋତ୍ସବର ପ୍ରତିଷ୍ଠାତା ଓଡିଶାର ଚାଣକ୍ୟ ବରିଷ୍ଠ ବରଷିଆନ ରାଜନେତା ଓଡ଼ିଶାର ଗରେ ଗରେ ପରିଚିତ ଏରସମା ମାଟିର ସୁଯୋଗ୍ୟ ସନ୍ତାନ ସ୍ୱର୍ଗତ ବୃ ଦାମୋଦର ରାଉତଙ୍କ ଅଣୁଳା ସ୍ମୃତି ଓ ଅବୁଝାନ ପ୍ରତି ଅବଦାନ ସହିତ ଭଲୁତା ଏରସମାକୁ ସଜାଡିବାର ଯାହାର ପ୍ରମୁଖ ଅବଦାନ ଆଜି ବି ଚିରସ୍ମରଣୀୟ ହେଲ ରହିବ । ଅତିଥିମାନେ ବ୍ୟକ୍ତବ୍ୟରେ ପ୍ରକାଶ କରିଥିଲେ ଏବଂ କିଛି ଦିନ ତଳେ ଯେଉଁ ପ୍ରକାର ଅମାନବିକ ଭାବରେ ଶିଆଳି ଠାରେ ଉତ୍ପୋଟିତ ହେବାକୁ ଥିବା ବୃ ରାଉତଙ୍କ ପ୍ରତିମୂର୍ତ୍ତିକୁ ଜଙ୍ଗଲ ବିଭାଗ ପକ୍ଷରୁ ଭାଙ୍ଗିଦିଆ ଗଲା । ମଂଚରେ ସୁଶ୍ରୀ ଏଣ୍ଡାଳି ଘଟଣାରେ ଲିପ୍ତଥିବା ବ୍ୟକ୍ତିମାନଙ୍କୁ ସମସ୍ତ ଅତିଥି ମାନେ ନିନ୍ଦା କରିବା ସହିତ ପୂଜ୍ୟପୂଜା ବରିଷ୍ଠ ଜନନାୟକ ମାନଙ୍କୁ ସମ୍ମାନ ଦେଇ ଶିଖିବୁ କହିଥିଲେ । ଏହି ରଜ ମହୋତ୍ସବ ଆଜିର ଦିନରେ ୧୫ ବର୍ଷ ରେ ପଦାର୍ପଣ କରିଅଛି । ରଜ ମହୋତ୍ସବ କମିଟି ତରଫରୁ ଏରସମା ବୁଲ ର ସମସ୍ତ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶାର ଆଇଡାଲିର 'ବାଜିଗର ମ୍ୟାଜିକ ସୋ' ମ୍ୟାଜିକ ସିଆନ୍ ରଣ୍ଣି ରଂଜନ ଦାସଙ୍କ ଦ୍ୱାରା ଚମତ୍କାର୍ ' ମ୍ୟାଜିକ ସୋ' କରାଯାଇଥିଲା ।

ବିଜୟଶ୍ରୀ ରାଉତରାୟଙ୍କ ୫ମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ବାସୁଦେବପୁର, ୦୨/୦୬ (ଆ.ପ୍ର) : ଓଡ଼ିଶା ରାଜନୀତିର ଜଣେ ବରିଷ୍ଠ ଓ ଜନପ୍ରିୟ ନେତା ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କ ୫ମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଭଦ୍ରକ ଜିଲ୍ଲା ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଲକ୍ଷ୍ମୀନାରାୟଣପୁର ଗ୍ରାମ ପଂଚାୟତରେ ଉଦ୍ଧିପୂର୍ଣ୍ଣ ଶ୍ର

ଦୈନିକ
ଆରମ୍ଭ
SEITHO ARAMBHA
ବୁଧବାର, ୩ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ସ୍ୱୟଂ ସହାୟିକା ଗୋଷ୍ଠୀର ସଂଘର୍ଷ : ଆରମ୍ଭ ପାଂଚ ହଜାର, ଏବେ ୨୦ଲକ୍ଷ

ଉଣାଇଁ, ୦୨/୦୬ (ଆ.ପ୍ର) : ଗୋଟିଏ ବ୍ୟବସାୟ କରିବାକୁ ହେଲେ ପୁଞ୍ଜିଖକୁ ଯେଉଁ ପ୍ରଣାଳୀ ବା ନୀତି ନିୟମ ଦେଇ ଯିବାକୁ ପଡ଼େ ବା ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ ମହିଳା ମଧ୍ୟ ସେଇ ସମାନ ରାସ୍ତା ଓ ସମସ୍ୟାର ସମ୍ମୁଖୀନ ହୋଇଥାଏ । ବ୍ୟାବସାୟିକ ସଫଳତା ପାଇଁ ଯେଉଁ ଜ୍ଞାନ ଓ ଦକ୍ଷତାର ଆବଶ୍ୟକତା ରହିଛି ତାହା ମଧ୍ୟ ଉତ୍ତୟଙ୍କ ପାଇଁ ଉପଯୋଗୀ ହୁଏ । ତଥାପି ମହିଳାମାନେ ବ୍ୟବସାୟ କ୍ଷେତ୍ରରେ ଆଗକୁ ଆସି ନିଜେ ସ୍ୱାବଲମ୍ବୀ ହେବା ସହିତ ପରିବାର ଓ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାରେ ସଫଳ ହୋଇଛନ୍ତି । ମହିଳାମାନେ କହୁତ ଦିନ ଧରି ଗୃହକାର୍ଯ୍ୟ ଓ ଅବୈତନିକ ଶ୍ରମ କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ । କିନ୍ତୁ ଏବେ ସମୟ ବଦଳୁଛି । ବର୍ତ୍ତମାନ ସମୟରେ

ମହିଳାମାନେ ବି ଉଦ୍ୟୋଗ ବିକାଶ କରିଆରେ ଓ ସ୍ୱାବଲମ୍ବୀ ହେବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି । ସେମାନେ କେବଳ ଗୃହିଣୀ ନୁହେଁ, ସଫଳ ବ୍ୟବସାୟୀ ଓ ଉଦ୍ୟୋଗପତି ଭାବେ ନିଜକୁ ପ୍ରମାଣିତ କରିଛନ୍ତି । ଉଣାଇ ବ୍ଲକ ଅନ୍ତର୍ଗତ ଗୋବିନ୍ଦ ପୁର ପଂଚାୟତ ପତ୍ରାପାଲି ଠାରେ ଥିବା ମାଁ ସରୋଷୀ ସ୍ୱୟଂ ସହାୟିକା ଗ୍ରୁପ- ୧ ଏବଂ ଗ୍ରୁପ- ୨ ତରଫରୁ ମିଳିତ ଉଦ୍ୟମରେ ଛତୁଆ କେନ୍ଦ୍ର ୨୦୧୧ ମସିହାରୁ ଆରମ୍ଭ ହୋଇଛି ଷ ଗ୍ରୁପ-୧ ର ସଭାପତି ଲାବରେ ସତୀ କିସାନ, ସମ୍ପାଦକ ଲାବରେ ପ୍ରିୟମଦା ଜେନା ଏବଂ ଗ୍ରୁପ - ୨ ର ସଭାପତି ଲାବରେ ବିନୁୱାରୀ ଦାସ ଓ ସମ୍ପାଦକ ଲାବରେ କୁଜି ଲତା ସାହୁ କାର୍ଯ୍ୟ ତୁଲାଇ ଆସୁଛନ୍ତି । ଏହି କେନ୍ଦ୍ରରେ ୨୨ ଜଣ ମହିଳାଙ୍କ ଉଦ୍ୟମରେ ୬ ଟି ପଂଚାୟତ ଗୋବିନ୍ଦ ପୁର, ଜେନାଗେରୀ, ରାଲୁପାଣି, କବଡ଼ା, ଝିରଜାପାଲିର ୮୬ ଟି ସେଂଟରକୁ ଛତୁଆ, ଖୁଜି ଲାଲୁଆ, ବାଦାମ ଲତୁ, ରାଶି ଲତୁ, ଖଜରା, ମୁଡି ଚଣା, ମାଣ୍ଡିଆ ଓ ଝୁଲୁରିନା ଟିକି ପ୍ରଭୃତି ବିତରଣ କରା ଯାଉଛି । ଘାତ ପ୍ରତିଘାତ ଭିତରେ ତାଙ୍କର ଲଢିବା କଥା ୨୦୦୫-୦୬ ମସିହାରେ ପ୍ରଥମେ ୫୦୦୦ ଟଙ୍କା ଲୋନ କରି ଡ଼ାଲରୀ ଫାର୍ମ କରି ୩୫୦ ଲିଟର କ୍ଷୀର ଉତ୍ପାଦନ କରି ସରକାରଙ୍କୁ ପ୍ରଦାନ କରୁଥିଲେ । ଦିନିନ୍ଦ ସମୟରେ ଜିରୋସିନ, ତାଜଜ ତିଲର ଛେଳ ଗ୍ରୁପକୁ ବଜାୟ ରଖିଥିଲେ । ୨୦୧୫ ମସିହା ମେ ମାସ ୧୫ ତାରିଖ ଦିନ ତାଙ୍କର ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଛତୁଆ କେନ୍ଦ୍ର ଜଳି ପୋଡି ପାଉଁସ ହେଇ ଯାଇଥିଲା । କିନ୍ତୁ ଗ୍ରୁପଟି ଭାଙ୍ଗି ନପଡି ଆଗକୁ ଯିବାପାଇଁ ଚେଷ୍ଟା କରି ଆଜି ୫୦୦୦ ଟଙ୍କାରୁ ୨୦ ଲକ୍ଷ ଟଙ୍କାରେ ପହଂଚିଛନ୍ତି ବୋଲି ଲୁହ ଛଳ ଛଳରେ ପ୍ରକାଶ କରିଛନ୍ତି । ସରକାରଙ୍କ ଅନୁକମ୍ପା ବ୍ୟାଙ୍କ ୨୦ ଲକ୍ଷ ଟଙ୍କା ଲୋନ ଦେଇ ଆଜି ଶୀର୍ଷରେ ପହଂଚି ବ୍ୟାଙ୍କ ତରଫରୁ ଆଓ୍ୱାର୍ଡ ପ୍ରାପ୍ତ କରିଥିବାରୁ ନିଜକୁ ଧନ୍ୟ ମନେ କରନ୍ତି ବୋଲି କହିଛନ୍ତି । ସଠିକ ସମର୍ଥନ, ସୁଯୋଗ ଓ ସମ୍ମାନ ଦିଆଗଲେ ସେମାନେ ନିଜ ଜୀବନ, ପରିବାର ଓ ସମାଜର ଉନ୍ନତି ସହିତ ରାଷ୍ଟ୍ର ନିର୍ମାଣରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ । ମହିଳା ଉଦ୍ୟୋଗୀମାନେ କେବଳ ଧନ ଉପାର୍ଜନକାରୀ ନୁହନ୍ତି, ସେମାନେ ଏକ ଶକ୍ତିଶାଳୀ ପରିବର୍ତ୍ତନର ଅଗ୍ରଣୀ ଭୂମିକା ନିର୍ବାହ କରିପାରିବେ ଏଥିରେ ସନ୍ଦେହ ନାହିଁ ।

ବିଡିଓଙ୍କ ବିରୋଧରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଜନପ୍ରତିନିଧି

ଦଶପଲ୍ଲା, ୦୨/୦୬ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକର ଗୋଷୀ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକଙ୍କ କାର୍ଯ୍ୟଶୈଳୀକୁ ଓ ବ୍ୟବହାରକୁ ନେଇ ସ୍ଥାନୀୟ ଜନପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବିଡିଓଙ୍କ ମନମୁଖୀ ଶାସନ, ପିସି ଆଦାୟ ଏବଂ ଜନପ୍ରତିନିଧିଙ୍କୁ ଅସମ୍ମାନ କରିବା ପ୍ରତିବାଦରେ ଦଶପଲ୍ଲା ପଂଚାୟତ ସମିତିର ଅଧ୍ୟକ୍ଷା, ଉପାଧ୍ୟକ୍ଷା, ଜିଲ୍ଲା ପରିଷଦ ସଦସ୍ୟଙ୍କ ସହିତ ବହୁ ସରପଂଚ ନୟାଗଡ଼ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏଥିସହ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେଲେ ଆଗାମୀ ଦିନରେ ବ୍ଲକ ସମ୍ମୁଖରେ ଗଣଧରଣା ଦିଆଯିବ ବୋଲି ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି । ଅଭିଯୋଗ ଅନୁସାରେ ପ୍ରତି ୨ ମାସରେ ଥରେ ପଂଚାୟତ ସମିତିର ସାଧାରଣ ଅଧିବେଶନ ବସିବାର ନିୟମ ଥିଲେ ଯେଉଁ, ବିଗତ ୪ ମାସରୁ ଅଧିକ ସମୟ ଧରି ବିଡିଓ କୌଣସି ବୈଠକ ଡାକୁନାହାନ୍ତି । ଜନପ୍ରତିନିଧିମାନେ ବାରମ୍ବାର ଅନୁରୋଧ କଲେ ମଧ୍ୟ ବିଡିନ୍ନ ଆଜ ଦେଖାଇ ସେ ଏହାକୁ ଏଡାଇ ଚାଲିଛନ୍ତି । ଗ୍ରାମାଂଚଳର ବିଡିନ୍ନ ସମସ୍ୟା ନେଇ ଆଲୋଚନା କରିବା ସମୟରେ ବିଡିଓ ସଠିକ୍ ଉତର ନଦେଇ ଓଜାଟା ସଲଜାରୀ ବଦଳ ନେତାମାନଙ୍କୁ ଫୋନ୍ ମାଧ୍ୟମରେ କଳାଲ ଜନପ୍ରତିନିଧିଙ୍କ ସହ ଜଜବ ସୃଷ୍ଟି କରାଉଛନ୍ତି, ଯାହାଦ୍ୱାରା ପ୍ରତିନିଧିମାନେ ସର୍ବସାଧାରଣରେ ଅପମାନିତ ହେଉଛନ୍ତି । ଉନ୍ନୟନମୂଳକ କାର୍ଯ୍ୟର ଅନୁମୋଦନ ସମୟରେ ବିଡିଓ ନିଜ ପସନ୍ଦର ଠିକାଦାର ଚୟନ କରୁଛନ୍ତି ଏବଂ ସେମାନଙ୍କଠାରୁ ସିଧାସଳଖ ପିସି ଆଦାୟ କରୁଛନ୍ତି । ପୂର୍ବରୁ ସମିତିର ସାଧାରଣ ଅଧିବେଶନ ସରିଥିବା କାର୍ଯ୍ୟର ବିଲ୍ ପ୍ରସ୍ତୁତ କରିବାକୁ ସେ ମନା କରୁଥିବା ବେଳେ ଗ୍ରାମ ପଂଚାୟତର ପ୍ରକଳ୍ପ ନକ୍ସା ପ୍ରସ୍ତୁତି ପାଇଁ ମଧ୍ୟ ଶହକଡ଼ା ଭାବେ ପିସି ଦାବି କରୁଛନ୍ତି । ଜନପ୍ରତିନିଧିମାନେ ଏହି ଦୁର୍ନୀତିର ପ୍ରତିବାଦ କରିବାରୁ ବିଡିଓ ଶୁଣୁନଥିବା ସ୍ମାରକପତ୍ରରେ ଲେଖିଛନ୍ତି । ଦଶପଲ୍ଲା ପଂଚାୟତ ସମିତିର ଅଧ୍ୟକ୍ଷା ସୁନନ୍ଦା ସାହୁ, ଉପାଧ୍ୟକ୍ଷା ଅନୁପମା ବେହେରା, ଜିଲ୍ଲାପରିଷଦ ସଭ୍ୟ ହରିଶଚନ୍ଦ୍ର ଯାଳୀ ଓ ସତ୍ୟଭାମା ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଦାବି କରିଛନ୍ତି । ଏହି ଦାବିପତ୍ରର ନକଲ ମୁଖ୍ୟ ଶାସନ ସଚିବ, ପଂଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ନୟାଗଡ଼ ଏସପିଙ୍କ ସମେତ ଅନ୍ୟାନ୍ୟ ଉଚ୍ଚ ପଦାଧିକାରୀଙ୍କୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରିଛନ୍ତି ।

ଗୋଶାଳା ନାଁରେ ବିମାନ ଅବତରଣ ପଡ଼ିଆ ଜବରଦଖଲ ଉଦ୍ୟମ ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଦାବି

ଖଣ୍ଡପଡ଼ା, ୦୨/୦୬ (ଆ.ପ୍ର) : ଖଣ୍ଡପଡ଼ା ତହସିଲ ଅଧୀନ ବନମାଳିପୁର ଗ୍ରାମସ୍ଥିତ ବିମାନ ଅବତରଣ ପଡିଆରି ସମୟାନୁକ୍ରମେ ଜବରଦଖଲକାରୀଙ୍କ ଜବରାକୁ ଚାଲି ଯାଉଥିବା ବେଳେ ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ଜିଲ୍ଲାପ୍ରଶାସନ ସବୁ ଦେଖି କିଛି ନ ଦେଖିବା ନ୍ୟାୟରେ ମୀରବତାକୁ ଖାଲିଥିବା ଜଣାପଡିଛି । ଖଣ୍ଡପଡ଼ା ଅଂଚଳବାସୀଙ୍କ ଅଭିଳାଷ ସତ୍ତ୍ୱେ ବିମାନ ଅବତରଣ ପଡିଆର ଏକ ଦୃଢ଼ ଅଂଶକୁ ଦେଖିକର ରାବେ ମେଗା ପାନୀୟଜଳ ପ୍ରକଳ୍ପକୁ ହସ୍ତାନ୍ତର କରାଯାଇଥିବା ବେଳେ ଉକ୍ତ ପଡିଆର ବଳକା ଅଂଶର ଏକାଧିକ ସ୍ଥାନକୁ ଜବରଦଖଲକାରୀମାନେ ବାଡବନ୍ଦି କରି ନିଜ ନିଜ ଅଣ୍ଡିଆରରେ ରଖିଥିବା ପରିଲକ୍ଷିତ ହେଉଛି । ଏବେ ପୁଣି ଗୋଶାଳା ଆକରେ ଉକ୍ତ

ପଡିଆର କିଛି ଅଂଶକୁ ସ୍ଥାନୀୟ ଅଂଚଳର ଜଣେ ବେହି ବ୍ୟକ୍ତି ଜବରଦଖଲ କରିବାକୁ ମସୁଧା ତଇାରକରିଥିବା ଜଣାପଡିବା ପରେ ବନମାଳିପୁର ପଂଚାୟତବାସୀଙ୍କ ମଧ୍ୟରେ ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ଜଣାପଡିଛି । ତେବେ ଲାଭ ସ୍ୱାର୍ଥରେ ଓ ଲାଭ ନିର୍ଦ୍ଦେଶରେ ବିମାନ ଅବତରଣ ପଡିଆର କିଛି ଅଂଶରେ ଗୋଶାଳା ନିର୍ମାଣ କରାଗଲା ବୋଲି ସ୍ଥାନୀୟ ବାସିନ୍ଦାଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ନୟାଗଡ଼ ଜିଲ୍ଲାପାଳ ଏହି ଗୋଶାଳା ପ୍ରତି ଦୃଢନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ପ୍ରକାଶଥାଉକି ପ୍ରଶାସନିକ ସ୍ତ୍ରୁଣ୍ଡାର ସୁଯୋଗ ନେଇ ପ୍ରଭାବଶାଳୀ ବ୍ୟକ୍ତିମାନେ ବିମାନ ଅବତରଣ ପଡିଆର ବିଭିନ୍ନ ଅଂଶକୁ ବର୍ଷ ବର୍ଷ ଧରି ମାଡି ବସିଥିବାରୁ ନୟାଗଡ଼ ଜିଲ୍ଲାର ଏକମାତ୍ର ବିମାନ ଅବତରଣ ପଡିଆ ଏବେ ସତ୍ତା ହରାଇବାକୁ ବସିଥିବା ଜଣାପଡିଛି । ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ନୟାଗଡ଼ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

ଏସଆଇଆର ସଠିକ୍ ନେଇ ଇଆରଓ ଏବଂ ଏଇଆରଓଙ୍କ ସମୀକ୍ଷା ବୈଠକ

ଉତ୍କଳ, ୦୨/୦୬ (ଆ.ପ୍ର) : ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାକୁ ସଠିକ୍ ଓ ନିର୍ଭୁଲ ଭାବରେ ସମ୍ପାଦିତ କରିବା, ପରିଚାଳନା ଫର୍ମ ବଂଟନ ଓ ନିର୍ଭୁଲ ପୂରଣ ଏବଂ ସୁଚାରୁ ଆଦି କାର୍ଯ୍ୟକ୍ରମକୁ ସଘନ କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଇଆରଓ ଏବଂ ଏଇଆରଓଙ୍କ ସମୀକ୍ଷା ବୈଠକ ଆଜି ଆଭାଷୀ ଜରିଆରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ

ଅଧିକାରୀ, ଅତିରିକ୍ତ ଉପ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓଖଣ୍ଡର ଗିରି ଜରିଆରେ ଉପସ୍ଥିତ ଥିଲେ ।

ପତ୍ନୀ, ପୁତ୍ର ହତ୍ୟାକାରୀକୁ ଆଜୀବନ ଜେଲ

ଉତ୍କଳ, ୦୨/୦୬ (ଆ.ପ୍ର) : ଆଜି ଉତ୍କଳ ଅତିରିକ୍ତ ଜିଲ୍ଲା ତଥା ଦୌରୀ ଜଜ ପ୍ରଭାତ କୁମାର ରାଜଗୁରୁ ଧୂଳୁରୀ ଥାନା ସାହାପୁର ଗ୍ରାମର ବାବାଜୀ ମାଝିଙ୍କ ପୁଅ କାଳିଆ ଓରଫ ଅଭୟ ମାଝିଙ୍କୁ ନିଜ ପତ୍ନୀ ମାତନ ଓରଫ ପଦ୍ମାବତୀ ଓ ନାବାଳକ ପୁତ୍ର ଜୀବନର ଟଂଟି ଚିପି ହତ୍ୟା କରିଥିବା ଅପରାଧରେ ଦଫା ୩୦୨ ଅନୁଯାୟୀ ଆଜୀବନ ଜେଲ ଦଣ୍ଡ ସହ ୨୦ ହଜାର ଟଙ୍କା ଜୋରିମାନା ଓ ୨୦୧ ଦଫାରେ ପ୍ରମାଣ ନଷ୍ଟ କରିବା ଅପରାଧରେ ୧ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ହଜାର ଟଙ୍କା ଅନାଦେୟ ପୁଣି ଏକ ବର୍ଷ ଜେଲ ଦଣ୍ଡ ଆଦେଶ ଦେଇଛନ୍ତି । ବିଚାରଣା ଅନୁଯାୟୀ ଧୂଳୁରୀ ଥାନା ନାନ୍ଦପୁର ଗ୍ରାମର ସଂତାନନ୍ଦ ମାଝିଙ୍କର ଜନ୍ୟା ମାତନ ଓରଫ ପଦ୍ମାବତୀ ସେହି ଥାନା ସାହାପୁର ଗ୍ରାମର ବାବାଜୀ ମାଝିଙ୍କ ମଧ୍ୟମ ପୁତ୍ର କାଳିଆ ଓରଫ ଅଭୟ ମାଝିଙ୍କୁ ଗତ ୨୦୧୨ ମସିହାରେ ବିବାହ କରିଥିଲା । ସେମାନଙ୍କର ୨ ଗୋଟି ପିଲା ମଧ୍ୟ ଅଛନ୍ତି । କାଳିଆ ବେଙ୍ଗାଲରେ ଏକ ପ୍ରାଇଭେଟ କମ୍ପାନୀରେ କାମ କରୁଥିବା ବେଳେ ମେସିନରେ ଡାଉ ଏକ ହାତ ପାପୁଲି କଟି ଯାଇଥିଲା । କମ୍ପାନୀ ତରଫରୁ ତାକୁ ୪ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ଦାରି ମିଳିଥିଲା । ଚାକିରି କରି ନ ପାରିବାରୁ ସେ ଆସି ଘରେ ରହିଥିଲା । ସେହି ଟଙ୍କାରେ ଘର ଚଳାଉଥିଲା । କିଛି ଦିନ ଭିତରେ ନିଜ ପରିବାର ସହ ମତାନ୍ତର ହେବାରୁ ନିଜ ସ୍ତ୍ରୀ ଓ ୨ ପିଲାଙ୍କ ସହ ସେ ଅନ୍ୟ ଗୋଟିଏ ଘର ତିଆରି କରି ଅଲଗା ରହୁଥିଲା, ମାତନ ଅକେଳେ ସମୟରେ ତାକୁ ହାତ ଖଣ୍ଡିଆ ଆକ୍ଷେପ କରି ପରିହାସ କରୁଥିଲା, ଯାହା ତାକୁ ବାଧୁଥିଲା । ଗତ ୨୦୧୮ ମସିହା ଫେବୁଆରି ମାସ ୨୪ ତାରିଖ ଦିନ ଘରୁ ବାହାରି ଅର୍ଥରୁ ୫ ଶହ ଟଙ୍କା ନେଇ ବଜାର ଯାଇଥିଲା ଓ ସେଥିରୁ ୨ ଶହ ଟଙ୍କା ଖର୍ଚ୍ଚ କରି ୩ ଶହ ଟଙ୍କା ଆଣି ପତ୍ନୀକୁ ଫେରେଇ ଦେଇଥିଲା । ମାତ୍ର ସ୍ତ୍ରୀ ମାତନ ଏଥିରେ ସନ୍ତୁଷ୍ଟ ନ ହୋଇ ବିରକ୍ତି ପ୍ରକାଶ କରିଥିଲା ଓ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ମାତନ ନିଜ ଶିଶୁ ପୁତ୍ର ଜୀବନ ମାଝିଙ୍କୁ ଧରି ଗାରିରେ ଶୋଇବାକୁ ଯାଇଥିଲା । ଶୋଇବା ପରେ ପିଲାଟି ମା କ୍ଷୀର ଖାଇବା ପାଇଁ କାନ୍ଦିଥିଲା । ମାତନ ତାକୁ କ୍ଷୀର ନ ଦେଇ ବାଡେଇ ଥିଲା । ପଜରେ ପାଖରେ ଶୋଇଥିବା କାଳିଆର ନିଦ ଭାଙ୍ଗି ଯିବାରୁ ସେ ଏହାକୁ ବିରୋଧ କରିଥିଲା । ମାତନ ପୁଣି ତାକୁ ଆକ୍ଷେପ କରି କହିବାରୁ ସେ ଉତ୍ୟକ୍ତ ହୋଇ ଏକ ପ୍ଲାଷ୍ଟିକ ରଶିଆଣି ଗଳା ଟଂଟିକୁ ଜିଦ୍ଧିଧରିବାରୁ ମାତନର ପ୍ରାଣ ବାୟୁ ଉଡି ଯାଇଥିଲା । ତା ପରେ ପୁଅ ଜୀବନ ମଧ୍ୟ କାନ୍ଦିବାରୁ ତା ଟଂଟିକୁ ବି ଚିପି ଧରିବାରୁ , ସେ ମଧ୍ୟ ମରିଗଲା । ତା ପରେ ସେହି ରାତିରେ ଉଭୟ ମା ପୁଅଙ୍କର ଶବକୁ ନିଜ ଶୋଇବା ଘର ଭିତରେ ଏକ ଗାତ ଖୋଳି ପୋତି ଦେଇ ପ୍ରମାଣ ନଷ୍ଟ କରିବାକୁ ପ୍ରୟାସ କରିଥିଲା । ତାର ୬ ଦିନ ପରେ କାଳିଆ ନିଜ ଝିଅକୁ ଧରି ଶ୍ୱଶୁର ଘରେ ଯାଇ ମାତନ ଘରୁ କେଉଁ ଆଡକୁ ନ କହି ପଳାଇ ଯାଇଛି ବୋଲି କହିବାରୁ ଶ୍ୱଶୁର ଫଂଟାନନ ମାଝୀ ଧୂଳୁରୀ ଥାନାରେ ଲିଖିତ ଅଭିଯୋଗ କରିଥିଲା । ତାଙ୍କରି ଅଭିଯୋଗ ମୁତାବକ ଥାନା କେସ ନଂ ୩୦/୨୦୧୮ ରେ ଦଫା ୩୦୨, ୨୦୧ରେ ଏକ ମାମଲା ରୁଜୁ କରି କାଳିଆକୁ ଥାନାକୁ ଆଣି ପଚରା ଉଚୁରା କରୁଥିବା ବେଳେ ପୋଲିସ ପାଖରେ ମାଳିଷ୍ଟ୍ରେଟଙ୍କ ଉପସ୍ଥିତିରେ ସବୁ ସତ କଥା କହିବା ଶହ ହତ୍ୟାରେ ବ୍ୟବହୃତ ପ୍ଲାଷ୍ଟିକ ଦଉଡିକୁ ମଧ୍ୟ ଦେଇଥିଲା । ସେ ବିଚାରଧୀନ ବନ୍ଦୀ ଭାବରେ ଅଦ୍ୟାବଧି ଜେଲରେ ଅଟକ ରହିଥିବା ବେଳେ ଆଜି ମାନ୍ୟବର କୋର୍ଟ ତାକୁ ଏହି ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଗଲାଙ୍କ ତରଫରୁ ପବ୍ଲିକ ପ୍ରସିକ୍ୟୁଟର ଅତିରିକ୍ତ ନିର୍ଦ୍ଦେଶକ ଅର୍ଣ୍ଣପୂର୍ଣ୍ଣା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବ୍ୟାଡରପୁରିଆ ପ୍ରସିକ୍ୟୁଟର ଝୁଟାମ୍ବ କିଶୋର ଦାସ ମାମଲା ପରି ଚାଳନା କରୁଥିଲେ ।

ନାଟ୍ୟକାର ବାଦଲ ସିକ୍‌ଦାରଙ୍କ 'ଅଭିନନ୍ଦନିକା' ଲୋକାର୍ପଣ ଉତ୍ସବ

ଉତ୍କଳ, ୦୨/୦୬ (ଆ.ପ୍ର) : 'ପୁରସ୍କାର ସ୍ତବକଶାଳି ସ୍ରଷ୍ଟାର ପ୍ରକୃତ ପରିଚୟ ଜୁଡେଁ । ବାଦଲ ସିକ୍‌ଦାରଙ୍କ ଭଳି ଜଣେ ସଫଳ ନାଟ୍ୟକାର କେବେ ପୁରସ୍କାରକୁ ଅପେକ୍ଷା କରିନଥାନ୍ତି । ଦିନରାତି କଳାକୁ ନେଇ ବଂଚିଥିବା ମଣିଷଟିଏ ଦୁଃଖିଆଏ ଦୁଃଖର ଗଙ୍ଗ ଲଣ, ଗୁରର ସ୍ୱାଦ କିପରି, ଆନନ୍ଦର ଲାଭୁଲାର୍ଯ୍ୟ କେତେ । ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସର୍ବୋଚ୍ଚ ପୁରସ୍କାର ଉପେନ୍ଦ୍ର ଭଞ୍ଜ ସମ୍ମାନ ପାଇ ସେ କେବଳ ଉତ୍କଳ ମାଟିକୁ ଗୌରବାନ୍ୱିତ କରିନାହାଁନ୍ତି, ସାରା ରାଜ୍ୟକୁ ଧନ୍ୟ କରିଛନ୍ତି ବୋଲି 'ଅଭିନନ୍ଦନିକା' ଲୋକାର୍ପଣ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି । ଉତ୍କଳର ଅଗ୍ରଣୀ କଳ୍ୟାଣକର ଶିକ୍ଷା ସଂସ୍ଥା ମାଲ୍ଟୋମେଡ଼ିଆ ଟେକ୍ନୋଲୋଜି ପକ୍ଷରୁ ଆୟୋଜିତ ପୂଜାପୂଜା ଆସର ତଥା ଅଭିନନ୍ଦନିକା ଲୋକାର୍ପଣ ଉତ୍ସବ ଆଜି ସନ୍ଧ୍ୟାରେ ସମୀତ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ମୋଗଲ ତାମସାଲ୍ଲ ଉତ୍କଳରୁ ଆନ୍ତର୍ଜାତିକ ସ୍ତରରେ ପଦ୍ମଂଗଲଥିବା ଗୁରୁ ବାଦଲ ସିକ୍‌ଦାରଙ୍କୁ ଏହି ଉତ୍ସବରେ ସମ୍ବର୍ଦ୍ଧନା କରାଯାଇଥିଲା । କଥାକାର ପଦ୍ମିତ୍ର ପାଣିଗ୍ରାହୀଙ୍କ ସଞ୍ଚାଳତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ମନୋଜ ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟିକ ଡଃ ଶଶଧର ଦାସ, ଡଃ ବ୍ରଜମୋହନ ମିଶ୍ର, ନାଟ୍ୟକାର ଓ ନିର୍ଦ୍ଦେଶକ ଦୀନବନ୍ଧୁ ଦାସ, ବିଶିଷ୍ଟ ଚିତ୍ରକାର ଅଭୟ ଦ୍ୱିବେଦୀ, ନାଟ୍ୟକାର ଡଃ ସୁଧାଂଶୁ ନାୟକ, ରୋଗାଭିଆନ ତଥା ସାମ୍ବାଦିକ ଅତିଶ ବେହେରା ପ୍ରମୁଖ ଅତିଥିମାନେ ଯୋଗଦେଇ ନାଟକ, ନାଟ୍ୟ ସାହିତ୍ୟ କଳା ଉପରେ ବିଶେଷ ଚର୍ଚ୍ଚା କରିବା ସହ ଉତ୍ତର ଓଡ଼ିଶାର ପ୍ରଥମ ଉପେନ୍ଦ୍ର ଭଞ୍ଜ ସମ୍ମାନ ଲାଭ କରିଥିବା ସିକ୍‌ଦାରଙ୍କ ନାଟ୍ୟପ୍ରଜ୍ଞା ଜୀବନ ସଂଘର୍ଷ, ଉଦ୍ଭବ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ନାଟ୍ୟ ସାହିତ୍ୟ ପ୍ରେମୀଙ୍କ ଗହଣରେ ମାଲ୍ଟୋମେଡ଼ିଆ ଟେକ୍ନୋଲୋଜି ପକ୍ଷରୁ ନାଟ୍ୟକାର ସିକ୍‌ଦାରଙ୍କ ଜୀବନୀ ଉପରେ ଆଧାରିତ ଏକ ପୁସ୍ତିକା 'ଅଭିନନ୍ଦନିକା' ଲୋକାର୍ପିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟକାର ଅଜନ ବିମାନ ବିହାରୀ ନାୟକ, କବି ବିଜୟ ବଜଜି, ପ୍ରାଧ୍ୟାପକ କମଳା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ଜଗନ୍ନାଥ କର ଦେବପାଠ ଲରିଥିବା ବାବେକେ ଗୁରୁମାଧବ ବାଗିଜ ସ୍ୱାଗତ ସଂଗୀତ ଓ ମନୋଜ ପଞ୍ଚ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ

ଦୈନିକ
ଆରମ୍ଭ
SEITHO ARAMBHA
ବୁଧବାର, ୩ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଆଇପିଏଲ୍ ଚାମ୍ପିଅନ୍ ହେବା ପରେ ଭକ୍ତିରେ ଲୀନ ବିରାଟ-ଅନୁଷ୍କା

ମଥୁରା, ୨/୬(ନ୍ୟୁ.ଏ): ମାଥେରେ ଚନ୍ଦନର ଟିକା, ଚେହେରାରେ ଅପୂର୍ବ ଶାନ୍ତି ଓ ଆଧ୍ୟାତ୍ମିକତାର ଏକ ଅନନ୍ୟ ଅନୁଭୂତି । ଚଳିତ ଆଇପିଏଲ୍ ୨୦୨୬ ମହାସମରରେ ନିଜ ଦଳ ଆରସିବିକୁ ଚାମ୍ପିଅନ୍ କରାଇବା ପରେ ଏବେ ସମ୍ପୂର୍ଣ୍ଣ ଭକ୍ତି ଭାବରେ ବୃଡ଼ି ରହିଛନ୍ତି ଭାରତୀୟ କ୍ରିକେଟର ରନ୍-ମେସିନ୍ ବିରାଟ କୋହଲି । ମଙ୍ଗଳବାର ବିରାଟ କୋହଲି ନିଜ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ସହ ବୃନ୍ଦାବନ ଗସ୍ତ କରିଛନ୍ତି । ସେଠାରେ ବ୍ରଜର ପ୍ରସିଦ୍ଧ ସନ୍ଥ ଶ୍ରୀ ପ୍ରେମାନନ୍ଦ ମହାରାଜଙ୍କ ସାକ୍ଷାତ କରି ବମ୍ପତି ଆଶୀର୍ବାଦ ନିଶା କରିଛନ୍ତି । ବୃନ୍ଦାବନସ୍ଥିତ ଖ୍ୟାତନାମା 'ରାଧା କେଲି କୁଞ୍ଜ ଆଶ୍ରମ'ରେ ପହଁଚି ବିରାଟ ଓ ଅନୁଷ୍କା ସନ୍ଥ ପ୍ରେମାନନ୍ଦ ମହାରାଜଙ୍କ ଦର୍ଶନ କରିଥିଲେ । ଗୁଡ଼େ ସେଠାରେ କିଛି ସମୟ ଅତିବାହିତ କରିବା ସହ ମହାରାଜଙ୍କଠାରୁ ଆଧ୍ୟାତ୍ମିକ ମାର୍ଗଦର୍ଶନ ଏବଂ ପ୍ରବଚନ ଶୁଣିଥିଲେ । ବିରାଟଙ୍କ ଭଳି ଜଣେ ବିଶ୍ୱଖ୍ୟାତ ଖେଳାଳିଙ୍କୁ ନିଜ ଗୃହରେ ପାଇ ଆଶ୍ରମ ପରିସରରେ ଥିବା ଅନ୍ୟ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ଏହା ପୂର୍ବରୁ ମଧ୍ୟ ଅନେକ ଖାଲି ଅବସରରେ ଏହି ଜୋଡ଼ା ଦମ୍ପତିଙ୍କୁ ବୃନ୍ଦାବନ ଏବଂ ଅନ୍ୟାନ୍ୟ ଧାର୍ମିକ ସ୍ଥାନରେ ସନ୍ଥମାନଙ୍କ ଆଶୀର୍ବାଦ ନେବାପାଇଁ ଦେଖାଯାଇଛି । ବର୍ତ୍ତମାନ ସୋଷିଆଲ ମିଡିଆରେ ତାଙ୍କର ଏହି ଗସ୍ତ ସମୟର

ଅନେକ ଫଟୋ ଓ ଭିଡିଓ ଦେଖି ଭକ୍ତଗଣ ଦେବାରେ ଲାଗିଛି, ଯାହାକୁ କ୍ରିକେଟ୍ ଓ ସିନେ ପ୍ରେମୀମାନେ ଖୁବ୍ ପସନ୍ଦ କରୁଛନ୍ତି । ବୃନ୍ଦାବନ ଗସ୍ତ ସମୟରେ ଭକ୍ତଙ୍କ ପୋଷାକ ଏବଂ ସାଧାରଣ ଚେହେରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଲାଲମଲାଲଟୋପୁ ବୁରରେ ରଖି ବିରାଟ ଏକ ବ୍ରାଉନ୍ ରଙ୍ଗର ସର୍ଟ କୁର୍ତ୍ତା ଏବଂ ଅଫ୍-ହ୍ୱାଇଟ୍ ପ୍ୟାଂଟ ପିନ୍ଧିଥିବା ବେଳେ ଅନୁଷ୍କା ସାଦରା ସମସ୍ତଙ୍କ ମନ ଜିତିଥିଲା । ଅନୁଷ୍କା ଏକ ହାଲୁକା ଗୋଲାପୀ ରଙ୍ଗର ପାରମ୍ପରିକ କୁର୍ତ୍ତା ସହ ଗାଢ଼ ଗୋଲାପୀ ରଙ୍ଗର ଓଢ଼ଣୀ ପିନ୍ଧାଇଥିଲେ । ଚେହେରାରେ ଧଳା ମାସ୍କ ଏବଂ କପାଳରେ ଚନ୍ଦନ ଟିକା ତାଙ୍କ ପାରମ୍ପରିକ ଭାରତୀୟ ଶୀର ରୂପକୁ ଆହୁରି ମନୋହର କରୁଥିଲା । ଏହି ଆଧ୍ୟାତ୍ମିକ ଗସ୍ତର ଠିକ୍ ବୁଲ ଦିନ ପୂର୍ବରୁ ଅର୍ଥାତ୍ ରବିବାର ଦିନ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯାଇଥିବା ଆଇପିଏଲ୍ ମହାଫାଇନାଲ୍‌ରେ ବିରାଟ କୋହଲି ନିଜ ବ୍ୟାଟିଂର ଯାଦୁ ଦେଖାଇଥିଲେ । ଗୁଜରାଟ ଟାଇଟନ୍ ବିପକ୍ଷ ଟାଇଟଲ୍ ମୁକାବିଲାରେ ମାତ୍ର ୪୨ଟି ବଲରୁ ୭୫ ରନ୍‌ର ଏକ ଅପରାଜେୟ ଇନିଂସ ଖେଳି ସେ ଦଳକୁ ବିଜୟୀ କରାଇଥିଲେ । ତାଙ୍କର ଏହି ଦମଦାର ଇନିଂସରେ ୯ଟି ଚୌକା ଓ ୩ଟି ଛକାନ୍ତୁଣ୍ଡୀ ଛକା ଖାମିଲ ଥିଲା । ଏହି ମ୍ୟାଚରେ ସେ ମାତ୍ର ୨୫ଟି ବଲରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ, ଯାହା ଆଇପିଏଲ୍ ଇତିହାସରେ ତାଙ୍କର ସବୁଠାରୁ ଦ୍ରୁତତମ ଅର୍ଦ୍ଧଶତକ । ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଟାଇଟନ୍ ଆରସିବିର ଧାଉଡ଼ା ବୋଲିଂ ଆଗରେ ଆତ୍ମସମର୍ପଣ କରିଥିଲା । ପାସ୍ପାଉଟ୍ମ୍ ମଧ୍ୟରେ ଜି ଗୁଜରାଟର ଶୀର୍ଷ ବ୍ୟାଟିଂ କ୍ରମ ଭୁଶୁଡ଼ି ପଡ଼ିଥିଲା । ଖୁଷ୍ଟିଟନ ସୁନ୍ଦରଙ୍କ ଅପରାଜେୟ ୫୦ ରନ୍ ବଳରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୫୫ ରନ୍ କରିବାକୁ ସକ୍ଷମ ହୋଇଥିଲା । ୧୫୬ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଆରସିବି ପକ୍ଷରୁ ଓପନିଂ କରିବାକୁ ଆସିଥିବା ବିରାଟ କୋହଲି ଏବଂ ଭେଙ୍କଟେଶ ଆୟର ପ୍ରଥମ ଉଇକେଟ ପାଇଁ ୬୨ ରନ୍ ଯୋଡ଼ି ଦଳକୁ ଏକ ଦୃଢ଼ ମୂଳଦୁଆ ଦେଇଥିଲେ । ଆୟର ୩୨ ରନ୍ କରି ଆଉଟ୍ ହୋଇଥିବା ବେଳେ କୋହଲି କିନ୍ତୁ ଶେଷ ପର୍ଯ୍ୟନ୍ତ କ୍ରିଜରେ ବଣ୍ଟାଯମାନ ରହିଥିଲେ । ଶେଷରେ ୧୮ତମ ଓଭରରେ ଏକ ଆକର୍ଷଣୀୟ ବିଜୟୀ ଛକା ମାରି ବିରାଟ ଦଳକୁ ୨୬୧/୫ ସ୍କୋରରେ ପହଁଚାଇବା ସହ ଆରସିବିକୁ ଆଇପିଏଲ୍ ଚାମ୍ପିଅନ୍ ଆଖ୍ୟା ଦେଇଥିଲେ । ବିଜୟ ପରେ ମଇଦାନରେ ଉତ୍ସବ ମନାଇବା ପରେ ସିଧା ବୃନ୍ଦାବନ ଆସି ଗୁରୁଜୀଙ୍କ ଚରଣରେ ଶରଣ ପଶିବା ବିରାଟଙ୍କ ବ୍ୟାଟିଂରୁ ଆଉ ଏକ ସୁନ୍ଦର ଦିଗକୁ ଦର୍ଶାଉଛି ।

ନରୱେ ଚେସ୍: ଗୁକେଶ, ପ୍ରଜ୍ଞାନନ୍ଦା ଭାରତ ଆଶା ବଢ଼ାଇଲେ

ଓସଲୋ, ୨/୬(ନ୍ୟୁ.ଏ): ଚଳିତ ମାର୍ଚ୍ଚଠାରୁ ନରୱେ ଚେସ୍ ପ୍ରତିଯୋଗିତାରେ ଗୁରୁତ୍ୱପୂର୍ଣ୍ଣ ବିଜୟ ରହିତ ବୁଲ ଭାରତୀୟ ଗ୍ରାଣ୍ଡମାଷ୍ଟର ଜି ଗୁକେଶ ଓ ଆର ପ୍ରଜ୍ଞାନନ୍ଦା ଭାରତୀୟଙ୍କ ଆଶାରେ ନୂଆ ଜୀବନ ଭରିଛନ୍ତି । ଗୁକେଶ ଆମେରିକାନ ଗ୍ରାଣ୍ଡମାଷ୍ଟର ଫ୍ରେଜିଲି ଶୋ'ଙ୍କୁ ହରାଇ ୧.୫ ପଏଂଟ ପଛେଟସ୍ପ କରିଥିବାବେଳେ ପ୍ରଜ୍ଞାନନ୍ଦା କୁସିନାଲ୍ ଗେମ୍‌ରେ ଫ୍ରାନ୍ସର ଆଲିରେଜା ଫିରୋଜାଙ୍କୁ ମାତ୍ର ଦେଇ ସମ୍ପୂର୍ଣ୍ଣ ୩ ପଏଂଟ୍ ଛଡ଼ାଇଛନ୍ତି । ଗୋଟ ଜପରେ କିନ୍ତୁ ଫ୍ରେଜିଲି (୧୨.୫) ଏବଂ ଆଲିରେଜା ଫିରୋଜା (୧୦) ଅଗ୍ରଣୀ ରହିଛନ୍ତି । ୯ ପଏଂଟ୍ ସହ ପ୍ରଜ୍ଞାନନ୍ଦା ଫମ୍ପରେ ଏବଂ ଗୁକେଶ ଷଷ୍ଠରେ ରହିଛନ୍ତି । ବିଶ୍ୱର ଏକ ନମ୍ବର ତଥା ୭ ଅଗ ବିଜେତା ମାଗ୍ନସ କାର୍ଲସେନ ଏବଂ କର୍ମାନିକ ଜିନଙ୍ଗେଟ୍ କ୍ରିମେର ସମାନ ୯ ପଏଂଟ ପାଇ ମିଳିତ ଭାବେ ତୃତୀୟରେ ରହିଛନ୍ତି । ଅନ୍ୟପକ୍ଷରେ ମହିଳା

ବର୍ଗରେ ମଧ୍ୟ ଭାରତର ଟାଇଟଲ୍ ଆଶାକୁ କାୟମ ରଖିଛନ୍ତି ଦିବ୍ୟା ଦେଶମୁଖ । ଅନ୍ୟତମ ଭାରତୀୟା କୋନେରୁ ହମ୍ପିଙ୍କୁ ବିଶ୍ୱକପ୍ ବିଜୟିନୀ ଦିବ୍ୟା ହରାଇଛନ୍ତି । ଏବେ କାଳାନ୍ତରାନ୍ତର ବିଦିବାରା ଆଧାରବାଯେରା (୧୨) ଟାଇଟଲ୍ ଦୌଡ଼ରେ ରହିଛନ୍ତି । ଦିବ୍ୟା ୧୦ ପଏଂଟ ସହ ଦ୍ୱିତୀୟରେ ଏବଂ ଯୁଜେନ୍ରେ ଆନ୍ନା ମୁଜିଚୁକ୍ ୯.୫ ପଏଂଟ୍ ସହ ତୃତୀୟରେ ରହିଛନ୍ତି । ଭେଟେରାନ୍ କୋନେରୁ ହମ୍ପି ୬.୫ ପଏଂଟ୍ ସହ ସଂଘର୍ଷ କରୁଛନ୍ତି ।

ଏଥର ପିଙ୍କ୍ ବଲ୍‌ରେ ଖେଳାଯିବ ଟେଷ୍ଟ କ୍ରିକେଟ

ନୂଆଦିଲ୍ଲୀ, ୨/୬(ନ୍ୟୁ.ଏ): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଟେଷ୍ଟ କ୍ରିକେଟର ନିୟମରେ ଏକ ବଡ଼ ପରିବର୍ତ୍ତନ ଆଣିଛି । ପ୍ରକୃତରେ, ଟେଷ୍ଟ ମ୍ୟାଚ୍‌ରେ ଦିନ ସମୟରେ ବେଳେବେଳେ କମ୍ ଆଲୋକ ପାଇଁ ଖେଳକୁ

ପ୍ରାୟତଃ ଶୀଘ୍ର ଶେଷ କରିଦିଆଯାଏ । ଏହାର ସମାଧାନ ସ୍ୱରୂପ, ଆଇସିସି କମ୍ ଆଲୋକ ସମୟରେ ଗୋଲାପୀ ବଲ୍ ଅର୍ଥାତ୍ ପିଙ୍କ୍ ବଲ୍ ବ୍ୟବହାରକୁ ଅନୁମୋଦନ କରିଛି । ତଥାପି, ବର୍ତ୍ତମାନ ସୁଦ୍ଧା, ଏହା କେବଳ ପରୀକ୍ଷାମୂଳକ ଭାବରେ ରହିଛି । ଆଇପିଏଲ ୨୦୨୬ ଫାଇନାଲ ଦିନ ଅର୍ଥାତ୍ ମେ ୩୧ ତାରିଖରେ ଅହମଦାବାଦରେ ଆଇସିସି ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ସମୟରେ ଗୋଲାପୀ ବଲ୍ ବ୍ୟବହାର ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା । ଏହି ନିଷ୍ପତ୍ତିର ଉଦ୍ଦେଶ୍ୟ ହେଲେ ଟେଷ୍ଟ ମ୍ୟାଚ୍‌ରେ ବୋଲିଂ ହୋଇଥିବା ଓଭର ସଂଖ୍ୟାକୁ ସର୍ବାଧିକ କରିବା । ସାଧାରଣତଃ, ଖରାପ ଆଲୋକ ପରିସ୍ଥିତି ଯୋଗୁଁ ଖେଳ ଶୀଘ୍ର ବନ୍ଦ କରିଦିଆଯାଏ, ଯାହା ଫଳରେ ମ୍ୟାଚ୍ ସମୟରେ ବୋଲିଂ ହୋଇଥିବା ମୋଟ ଓଭର ସଂଖ୍ୟା ହ୍ରାସ ପାଏ । ଉଲ୍ଲେଖଯୋଗ୍ୟ ଯେ, କ୍ରିକେଟ ଇତିହାସରେ ପ୍ରଥମ ଥର ୨୦୧୫ ରେ ପିଙ୍କ୍ ବଲରେ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା । ସେହି ମ୍ୟାଚ୍ ରେ ଅଷ୍ଟ୍ରେଲିଆ ନ୍ୟୁଜିଲାଣ୍ଡକୁ ୩ ଷ୍ଟ୍ରୋକରେ ପରାସ୍ତ କରିଥିଲା । ସେବେଠାରୁ, ବିଭିନ୍ନ ଦେଶ ମଧ୍ୟରେ ସମୟ ସମୟରେ ପିଙ୍କ୍ ବଲ୍ ବ୍ୟବହାର କରି ମ୍ୟାଚ୍ ଖେଳାଯାଇଆସୁଛି । ଉଭୟ ବଲ ରାତି ଥିଲେ କେବଳ କମ୍ ଆଲୋକ ସମୟରେ ପିଙ୍କ୍ ବଲ୍ ବ୍ୟବହାର କରାଯାଇପାରିବ । ଆଇସିସି ଆଉ ଏକ ବଡ଼ ପରିବର୍ତ୍ତନ ଆଣିଛି । ଏବେ, ଯେତେବେଳେ ମ୍ୟାଚ୍ ସମୟରେ ପାନୀୟ ଦିଆଡି ହେବ, ସେତେବେଳେ କୋଚ୍ ମାନଙ୍କୁ ଖେଳାଳିଙ୍କ ସହ ଯୋଗାଯୋଗ କରିବା ପାଇଁ ଖେଳ ପଡ଼ିଆରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ । ଅହମଦାବାଦରେ ଅନୁଷ୍ଠିତ ଏକ ବୈଠକ ସମୟରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ଅନୁମୋଦନ କରାଯାଇଥିଲା । ଏହା ସହିତ, ମ୍ୟାଚ୍ ଅଧିକାରୀମାନେ ଏବେ ସନ୍ଦେହଜନକ ବେଆଇନ କାର୍ଯ୍ୟ ସହିତ ବୋଲରଙ୍କୁ ଚିହ୍ନଟ କରିବା ପାଇଁ ହକ୍-ଆଇ ଡାଟା ଆକ୍ସେସ୍ କରିପାରିବେ । ଏହି ନୂତନ ନିୟମ ୧ ଅକ୍ଟୋବର, ୨୦୨୬ ରେ କାର୍ଯ୍ୟକାରୀ ହେବାକୁ ଯାଉଛି ।

ସିବିଏସ୍‌ସି ପୁନଃମୂଲ୍ୟାୟନ ପୋର୍ଟାଲ ଉପରେ ସାଇବର ଆଟାକ୍

ନୂଆଦିଲ୍ଲୀ, ୨/୬(ନ୍ୟୁ.ଏ): ସିବିଏସ୍‌ସି ପୁନଃମୂଲ୍ୟାୟନ ପୋର୍ଟାଲରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ସେମାନଙ୍କ ଉତ୍ତର ପତ୍ରର ପୁନଃମୂଲ୍ୟାୟନ ପାଇଁ ଆବେଦନ କରୁଛନ୍ତି । ଏହି

ସମୟରେ ବୋର୍ଡ ରିପୋର୍ଟ କରିଛି ଯେ, ପୋର୍ଟାଲଟି ସାଇବର ଆକ୍ରମଣର ମଧ୍ୟ ସମ୍ମୁଖୀନ ହୋଇଛି, କିନ୍ତୁ ଏହା ସତ୍ତ୍ୱେ, ହଜାର ହଜାର ଛାତ୍ରଛାତ୍ରୀ ଲୌଣସି ବଡ଼ ସମସ୍ୟା ବିନା ପ୍ରକ୍ରିୟା ଶେଷ କରିଛନ୍ତି । ସିବିଏସ୍‌ସି ଅନୁଯାୟୀ, ପୁନଃମୂଲ୍ୟାୟନ ପୋର୍ଟାଲ୍ ବର୍ତ୍ତମାନ ଏକ ସମୟରେ ୮ ହଜାରରୁ ଅଧିକ ବ୍ୟବହାରକାରୀଙ୍କୁ ପରିଚାଳନା କରିବାକୁ ସକ୍ଷମ । ମଙ୍ଗଳବାର ଅପରାହ୍ନ ୩ଟା ସୁଦ୍ଧା, ୧୬ ହଜାରରୁ ଅଧିକ ଛାତ୍ରଛାତ୍ରୀ ସଫଳତାର ସହ ସେମାନଙ୍କର ଆବେଦନ ଦାଖଲ କରିଛନ୍ତି । ବୋର୍ଡ ରିପୋର୍ଟ କରିଛି ଯେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ, କିଛି ଅଷ୍ଟାଧୁ ବ୍ୟକ୍ତି ମଧ୍ୟ ପୋର୍ଟାଲର ସେବାକୁ ପୁରାଦିନ କରିବାକୁ ଚେଷ୍ଟା କରିଛନ୍ତି । ଶାନ୍ତିକ ସାଇବର ଆକ୍ରମଣରେ, ପୋର୍ଟାଲ୍ ମାତ୍ର ଗୁରୁ ମିନିଟ୍ ମଧ୍ୟରେ ପ୍ରାୟ ୧୫ ଲକ୍ଷ ହିଟ୍ ରେକର୍ଡ କରିଛି । ଏହା ସହିତ, ଅନୁଚ୍ଛେଦ ଭାବରେ ଫାଇଲ୍ ପ୍ରବେଶ କରିବାକୁ ଏକ ଲକ୍ଷଣ୍ଣ ଅଧିକ ପ୍ରୟାସ କରାଯାଇଥିଲା । ତଥାପି, ସିବିଏସ୍‌ସି ସାଇବର ସୁରକ୍ଷା ଦଳ ସକ୍ରିୟ ରହିଛି ଏବଂ ଏହି ଆକ୍ରମଣ ସତ୍ତ୍ୱେ ସାଧାରଣ ପୋର୍ଟାଲ୍ ସେବା ବଜାୟ ରଖିଛି । ବୋର୍ଡ କହିଛି ଯେ ଛାତ୍ରଛାତ୍ରୀ ମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ତାହା ନିଶ୍ଚିତ କରିବା ପାଇଁ ବୈଜ୍ଞାନିକ ଦଳ ୨୪/୭ ପରିସ୍ଥିତି ଉପରେ ନଜର ରଖୁଛି । ଛାତ୍ରମାନଙ୍କ ପାଇଁ ମିଳିଥିବା ମତାମତ ଆଧାରରେ ପୋର୍ଟାଲରେ ଅନେକ ଉନ୍ନତି କରାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଉଛି ପୋର୍ଟାଲରେ ସେସନ୍ ସମୟ ସୀମା ବୃଦ୍ଧି କରାଯାଇଛି, ଯାହା ଛାତ୍ରଛାତ୍ରୀ ମାନଙ୍କୁ ଆବେଦନ ପୂରଣ କରିବା ଏବଂ ଆବଶ୍ୟକୀୟ ସୂଚନା ଅପଲୋଡ୍ କରିବା ପାଇଁ ଅଧିକ ସମୟ ଦେବଛି । ଏହା ସମ୍ମୁଖ ପ୍ରକ୍ରିୟାରୁ ପୂର୍ବ ଅପେକ୍ଷା ବହୁତ ସହଜ କରିଛି । ସିବିଏସ୍‌ସି କହିଛି ଯେ ଏହାର ପ୍ରଥମିକ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀ ମାନଙ୍କୁ ଉନ୍ନତ ଏବଂ ସୁରକ୍ଷିତ ଡିଜିଟାଲ୍ ସେବା ପ୍ରଦାନ କରିବା । ଏହି କାରଣରୁ ବୈଷୟିକ ଟ୍ୟାଙ୍କେଜ୍ ଏବଂ ସାଇବର ଆକ୍ରମଣ ସତ୍ତ୍ୱେ ପୋର୍ଟାଲ୍ କୁ ନିରନ୍ତର ସୁଦୃଢ଼ କରାଯାଉଛି । ବୋର୍ଡ ଛାତ୍ର ଏବଂ ଅଭିଭାବକଙ୍କୁ ଆଶ୍ୱାସନା ଦେଇଛି ଯେ ସେମାନଙ୍କର ସୂଚନା ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ପୁନଃମୂଲ୍ୟାୟନ ପ୍ରକ୍ରିୟାର ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି । ଉଚ୍ଚସ୍ତର ର ସାଇବର ସୁରକ୍ଷା ଏବଂ ବୈଷୟିକ ଦଳ ସର୍ବଦା ସଜାଗ ଅଛନ୍ତି ଯାହା ଦ୍ୱାରା ଛାତ୍ରଛାତ୍ରୀ ମାନେ କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ଏବଂ ସେମାନଙ୍କର ଆବେଦନ ପ୍ରକ୍ରିୟା ସହଜରେ ସମ୍ପନ୍ନ କରିପାରିବେ ।

ଖସିଲା ଭାରତର ଷ୍ଟକ ବଜାର

ନୂଆଦିଲ୍ଲୀ, ୨/୬(ନ୍ୟୁ.ଏ): ବିଶ୍ୱ ଷ୍ଟକ୍ ବଜାର ଗାଳିଂରେ ଭାରତରୁ ଗତ ସପ୍ତାହରେ ଚାଲ୍ୟାନ ପଛରେ ପଡ଼ାଇଥିଲା । ଆଜି ଦକ୍ଷିଣ କୋରିଆ ମଧ୍ୟ ଭାରତକୁ ଆହୁରି ଗୋଟିଏ ପାହାଚ ପଛକୁ ଠେଲି ଦେଇଛି । ଫଳରେ ବିଶ୍ୱର ବୃହତ୍ ଷ୍ଟକ ବଜାର ତାଲିକାରେ ଭାରତ ସପ୍ତମ ସ୍ଥାନରୁ ଖସିଯାଇଛି । ଭାରତ ବିଶ୍ୱର ଅନ୍ୟତମ

ପ୍ରମୁଖ ଅଭିବୃଦ୍ଧି ହାସଲକାରୀ ରାଷ୍ଟ୍ର ହୋଇଥିଲେ ମଧ୍ୟ ଷ୍ଟକ ବଜାରର ନିବେଶକଙ୍କୁ ଆକର୍ଷିତ କରିବା ଏବଂ ସେମାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇନାହିଁ । ବିଶ୍ୱରେ କୃତ୍ରିମ ବୁଦ୍ଧିମତା(ଏଆଇ)ରେ ଏବେ ଯେଉଁ କ୍ରାନ୍ତି ଦେଖାଦେଇଛି ସେ କ୍ଷେତ୍ରରେ ଭାରତ ଅପେକ୍ଷାକୃତ ଭାବେ ପଛରେ ପଡ଼ିଯାଇଛି । ଏ କ୍ଷେତ୍ରରେ ତାଇୱାନ ଓ ଦକ୍ଷିଣ କୋରିଆ ଆଗରେ ରହିଥିବା ଅଗ୍ରଣୀ ସେମାନଙ୍କ ଷ୍ଟକ ମାର୍କେଟ ପାଇଁ ସହାୟକ ହେଉଛି । ରୟଟର୍ସର ସୂଚନା ଅନୁଯାୟୀ, ଦକ୍ଷିଣ କୋରିଆର ଷ୍ଟକ୍ ମାର୍କେଟର ବଜାରପୁଞ୍ଜି ଆଜି ୫ ଟ୍ରିଲିଅନ ଡଲାର ଅତିକ୍ରମ କରିଛି । ଦକ୍ଷିଣ କୋରିଆର କୋସ୍ପି, କୋସଡାକ୍ ଏବଂ କୋନେକ୍ସ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାରପୁଞ୍ଜି ୫.୦୧ ଟ୍ରିଲିଅନ ଡଲାରରେ ପହଁଚିଛି । ଭାରତର ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ବଜାରପୁଞ୍ଜି ଏହି ସମୟରେ ୪.୮୫ ଟ୍ରିଲିଅନ ଡଲାର ରହିଥିବା କୁହାଯାଇଛି । ୧୮ ମାସ ପୂର୍ବେ ଭାରତର ଇକ୍ୱିଟି ମାର୍କେଟର ବଜାରପୁଞ୍ଜି ଦକ୍ଷିଣ କୋରିଆ ତୁଳନାରେ ପ୍ରାୟ ୩.୫ ଗୁଣା ଏବଂ ତାଇୱାନ ତୁଳନାରେ ଦୁଇଗୁଣା ଅଧିକ ଥିଲା । କିନ୍ତୁ ୨୦୨୬ ର ଗତ ୫ ମାସ ମଧ୍ୟରେ ଭାରତର ସେହି ସ୍ଥିତି ବଦଳି ଯାଇଛି । ରୟଟର୍ସର ରିପୋର୍ଟ ଅନୁଯାୟୀ, ନିଫ୍ଟି ୫୦ ଏବଂ ସେନସେକ୍ସ ଚଳିତବର୍ଷ ଯଥାକ୍ରମେ ୧୦.୧ ପ୍ରତିଶତ ଏବଂ ୧୨.୫ ପ୍ରତିଶତ ହ୍ରାସ ପାଇଛି । ବିଦେଶୀ ନିବେଶକମାନେ ମଧ୍ୟ ଭାରତର ଇକ୍ୱିଟି ବଜାରରୁ ମୁହଁ ଫେରାଇଛନ୍ତି । ଚଳିତବର୍ଷ ସେମାନେ ୨୬.୪ ବିଲିଅନ ଡଲାର ପ୍ରତ୍ୟାହାର କରି ନେଇଛନ୍ତି । ୨୦୨୫ ମସିହାରେ ସେମାନେ ୧୮.୯୧ ବିଲିଅନ ଡଲାର ପ୍ରତ୍ୟାହାର କରିଥିବାବେଳେ ଚଳିତବର୍ଷର ୫ ମାସରେ ତାହାଲୁ ବନ୍ଦ ଅଧିକ ରାଶି ଉଠାଇ ନେଇଛନ୍ତି । ସୂଚନା ଅନୁଯାୟୀ, ଏଆଇ, ବାଟା ସେକ୍ଟର ଏବଂ ଲୁଚ୍ଚ ଲିଡିଭୂମିରେ ପ୍ରମୁଖ ଭୂମିକା ରଖିଥିବା ସେମିକଣ୍ଡକ୍ଟର ନିର୍ମାତାଙ୍କ ପ୍ରତି ନିବେଶକମାନେ ଆକୃଷ୍ଟ ହେଉଛନ୍ତି । ତାଇୱାନ ଓ ଦକ୍ଷିଣ କୋରିଆର କେତେକ କମ୍ପାନି ଏ କ୍ଷେତ୍ରରେ ଆଗରେ ରହିଛନ୍ତି । ତାଇୱାନର ତାଇୱାନ ସେମିକଣ୍ଡକ୍ଟର ମ୍ୟାନୁଫାକ୍ଚରିଂ କମ୍ପାନି (ଟିଏସ୍‌ଏମ୍‌ସି) ପାଇଁ ସେ ଦେଶର ଷ୍ଟକ ମାର୍କେଟ ବହୁମାତ୍ରରେ ଆଗକୁ ବଢ଼ିଯାଇଛି । ସେହିଭଳି ସାମସଙ୍ଗ ଇଲେକ୍ଟ୍ରୋନିକ୍ସ ଏବଂ ଏସ୍‌କେ ହାଇନିକ୍ସ ଭଳି ସେମିକଣ୍ଡକ୍ଟର କମ୍ପାନି ଦକ୍ଷିଣ କୋରିଆର ଷ୍ଟକ ବଜାରକୁ ଉପରକୁ ଉଠାଇଛନ୍ତି । ପ୍ରାୟ ୮୦ ଟ୍ରିଲିଅନ ଡଲାର ବଜାରପୁଞ୍ଜି ସହ ଆମେରିକାର ଷ୍ଟକ ମାର୍କେଟ ବିଶ୍ୱର

ଏନ୍‌ଇଜିଟି ପେପର ଲିକ୍ ପ୍ରସଙ୍ଗରେ ମୁହଁ ଖୋଲିଲେ ଶଶି ଥରୁର

ତିରୁବନନ୍ତପୁରମ, ୨/୬(ନ୍ୟୁ.ଏ): କଂଗ୍ରେସ ସାଂସଦ ଶଶି ଥରୁର ୨୦୨୬ ଜାତୀୟ ଯୋଗ୍ୟତା-ସମ-ପ୍ରବେଶ ପରୀକ୍ଷା (ଏନ୍‌ଇଜିଟି) ପେପର ଲିକ୍ ମାମଲାକୁ କଡ଼ା ସମାଲୋଚନା କରିଛନ୍ତି । ଥରୁର କହିଛନ୍ତି, ସେ ସରକାରଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଆପଣ ଏପରି ଏକ ପ୍ରକ୍ରିୟା ଚଳାଇଛନ୍ତି

ଯେଉଁଠାରେ ପରୀକ୍ଷାର ନିରପେକ୍ଷତା ଉପରେ ବିଶ୍ୱାସ କରାଯାଇପାରୁ ନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଏପରି ଘଟଣା ଆଉ କେତେ ଯେପରି ନ ଘଟିବ ତାହା ନିଶ୍ଚିତ କରିବାକୁ ଅନୁରୋଧ କରିଛନ୍ତି । ଶଶି ଥରୁର କହିଛନ୍ତି, ଦୁର୍ଭାଗ୍ୟବଶତଃ ଲାଖେ ପରୀକ୍ଷା ପାଇଁ ପରିଶ୍ରମ କରି ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀ ହଠାତ୍ ଜାଣିଛି